### ବିଶ୍ୱ ମରୁଡ଼ି ଓ ମରୁଭୂମି ପ୍ରତିରୋଧ ଦିବସ ପାଳିତ

# ଜୈବିକ କୃଷି, ଜୈବ ବିବିଧତା ସନ୍ତୁଳନ ଦ୍ୱାରା ମରୁଡ଼ି ରୋକାଯାଇ ପାରିବ




ଅନୁଗୋଳ, ୧୭।୬(ସମିସ): ଅନୁଗୋଳ ବ୍ଲକ ଅଧୀନ ବେତର ଗ୍ରାମରେ ମରୁଡ଼ି ଓ ମରୁଭୂମି ପ୍ରତିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ସଭାରେ ୱାର୍ଡ ମେମ୍ବର ହାଡିବନ୍ଧୁ ବେହେରା ଅଧ୍ୟକ୍ଷତା କରିଥିଲେ। ଗ୍ରାମର ଚିତ୍ରସେନ ପଧାନ, ପ୍ରଶାନ୍ତ ପ୍ରଧାନ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ସଂଯୋଜକ ପ୍ରିୟବ୍ରତ ବେହେରା ଅତିଥି ଭାବେ ଯୋଗେଦେଇ ମରୁଡ଼ି ଓ ମରୁଭୂମି ପ୍ରତିରୋଧ ପାଇଁ ଗ୍ରହଣ କରିବାକୁ ଥିବା ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଜୈବିକ କୃଷି, ବୃକ୍ଷର ଉପଯୁକ୍ତ ଯତ୍ନ ଓ ଜୈବବିବିଧତା ସନ୍ତୁଳନ ଦ୍ୱାରା ମରୁଡ଼ି ଓ ମରୁଭୂମି କୁ ପ୍ରତିହତ କରାଯାଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଜଳ ଓ ଜମିର ଉପଯୁକ୍ତ ପରିଚାଳନା ଦ୍ୱାରା ଏହି ଏହି ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଏବଂ ଶରଧାପୁର ପଞ୍ଚାୟତ ଜୈବବିବିଧତା ପରିଚାଳନା ସମିତି ମିଳିତ ଆନୁକୂଲ୍ୟରେ ଏହି ସଚେତନତା ସଭା ଆୟୋଜନ କରାଯାଇଥିଲା। ବେତର ଗ୍ରାମର ଉଗ୍ରସେନ ପଧାନ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ବିନୟ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସରିଲା ରଜ ମହୋତ୍ସବ; ନାଚଗୀତରେ ଝୁମିଲେ ଦର୍ଶକ



ତାଳଚେରସଦର, ୧୭।୬(ସମିସ): ତାଳଚେର ଘଣ୍ଟପଡ଼ା ଗାଁବଡ଼ରେ ଧୁମ୍‌ଧାମରେ ରଜଉତ୍ସବ ପାଳିତ ହୋଇଯାଇଛି। ପହିଲି ରଜରୁ ଏହି ମହୋସବ ଆରମ୍ଭ ହୋଇଥିଲା। ପ୍ରତିଦିନ ଶଙ୍କଫୁଙ୍କା, ହୁଲହୁଲି, ରଙ୍ଗୀଲି, ପୁଟି, ଦଉଡ଼ି ଡ଼ିଆଁ, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଥୁଲା। ଉଦ୍‌ଯାପନୀ ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରଯାଇଥିଲା। ସ୍ଥାନୀୟ ଅଞ୍ଚଳର ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଲୋକ ଯୋଗଦେଇ ରଜ ମହୋତ୍ସବର ମଜା ଉଠାଇଥିଲେ। କାର୍ଯ୍ୟକ୍ରମକୁ ମୋନଜ ସାହୁ ପରିଚାଳନା କରିଥିଲେ।

## ପତ୍ନୀଙ୍କୁ ନିର୍ଯାତନା ଅଭିଯୋଗ

ବଇଣ୍ଡା, ୧୭।୬(ସମିସ): ଠାକୁରଗଡ଼ ଥାନା କୁସୁମଧରା ଗ୍ରାମର ଚତୁରୀ ଦାସଙ୍କୁ ତାଙ୍କ ସ୍ୱାମୀ ଦିଲ୍ଲୀପ ଦାସ ନିର୍ଯାତନା ଦେବା ସହ ତାଙ୍କୁ ମାଡ଼ ମାରିଥିବା ସୋମବାର ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦିଲୀପ ଦ୍ୱିତୀୟ ବିବାହ କରିଛନ୍ତି। ସେ ପ୍ରଥମ ପତ୍ନୀ ଚତୁରୀଙ୍କୁ ପ୍ରତେକ ଦିନ ବିନା କାରଣ ର ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ଥିବା ପୁଲିସ କହିଛି।

## ମାଟ୍ରିକ ଏ-୧ ଛାତ୍ରୀଙ୍କୁ ଶୁଭେଚ୍ଛା



ଛେଣ୍ଡିପଦା, ୧୭।୬(ସମିସ): ଛେଣ୍ଡିପଦା ବ୍ଲକର ଚଳିତବର୍ଷ ଦଶମଶ୍ରେଣୀରେ ପରୀକ୍ଷା ଦେଇଥିବା ଛାତ୍ର, ଛାତ୍ରୀଙ୍କ ମଧ୍ୟରୁ ୪ ଜଣ ଛାତ୍ରୀ ଗ୍ରେଡ ଏ-୧ ରଖି ପାସ କରିଥିଲେ। ତାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ସ୍ୱେଚ୍ଛାସେବୀ ସଂଗଠନ, ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ଶୁଭଦର୍ଶିନି ସାହୁ ଏବଂ ଦିଶା ମହାପାତ୍ର। କୋଶଳା ଉଚ୍ଚ ବିଦ୍ୟାଳୟର ଜ୍ୟୋସ୍ନାରାଣୀ ବେହେରା ଏବଂ ଆମ୍ବପାଳ ନତଡା ଉଚ୍ଚ ବିଦ୍ୟାଳୟର ଶୁଭଲକ୍ଷ୍ମୀ ନାୟକଙ୍କୁ ହେଲ୍ପଫୁଲ ଫାଉଣ୍ଡେସନର ରାମଚନ୍ଦ୍ର ସାହୁ ଏବଂ ଗୋପବନ୍ଧୁ ସାହୁ ଶୁଭେଚ୍ଛା ଜଣାଇଥିଲେ।

## ତୈଳିକ ସମାଜର ନୂତନ କର୍ମକର୍ତ୍ତା ଚୟନ

ତାଳଚେର, ୧୭।୬(ସମିସ): ତାଳଚେର ପୌରପରିଷଦ ଅଧୀନ ୱାର୍ଡ ନଂ-୧୮ ଦେଉଳବେଢ଼ା ତେଲିସାହିର କାକୁଡିଆ ସାହି ତୈଳିକ ବୈଶ୍ୟ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନ ସଭାପତି ଭାବେ ଶିବାନନ୍ଦ ପୃଷ୍ଟି, ସମ୍ପାଦକ ଜ୍ଞାନେଶ୍ୱର ସାହୁ, କୋଷାଧ୍ୟକ୍ଷ ନିରାକାର ପୃଷ୍ଟି ଓ ଉପଦେଷ୍ଟା ଭାବେ ବିନୋଦ କୁମାର ପୃଷ୍ଟି, ରମେଶ ଚନ୍ଦ୍ର ସାହୁ, ସୁରଜ କୁମାର ସାହୁଙ୍କୁ ସମସ୍ତ ଗୁଆ ଭାଇଙ୍କ ଉପସ୍ଥିତିରେ ଚୟନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପୂର୍ବତନ ସମ୍ପାଦକ ବସନ୍ତ କୁମାର ସାହୁ ସମସ୍ତଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ନୂତନ ସଭାପତି ଏହି ଅବସରରେ ପୂର୍ବତନ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ୬ ଜଣ ନୂତନ ଗୁଆ ଭାଇଙ୍କୁ ସମାଜରେ ଅନ୍ତର୍ଭୁକ୍ତ କରାଗଲା। ଏଥିରେ ପଡ଼ୋଶୀ ତୈଳିକ ସମାଜର ସଭାପତି ତଥା ତାଳଚେର ଆଞ୍ଚଳିକ ସମିତିର କୋଷାଧ୍ୟକ୍ଷ ବିଜୟ କୁମାର ପୃଷ୍ଟି ଓ ଦେଉଳବେଢ଼ା ତେଲିସାହିର ସମ୍ପାଦକ ଓ ତାଳଚେର ଆଞ୍ଚଳିକ ସମିତିର ସହ ସମ୍ପାଦକ ତଥା ଢେଙ୍କାନାଳ-ଅନୁଗୋଳ ୫୫ ସମିତିର ଅଡିଟର ପ୍ରମୋଦ କୁମାର ପୃଷ୍ଟିଙ୍କ ସହିତ ୨୦ ସମିତିର ଉପଦେଷ୍ଟା ପ୍ରହ୍ଲାଦ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ନୂତନ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କଦଳୀ ଫାଇବରରୁ ପ୍ରସ୍ତୁତ ସାନିଟାରୀ ପ୍ୟାଡ୍ ଉପରେ ସଚେତନତା




ବିକ୍ରମପୁର, ୧୭।୬(ସମିସ): ସ୍ୱେଚ୍ଛାସେବୀ ସଂଗଠନ ସୋସିଆଲ ଡେଭେଲ୍‌ପମେଣ୍ଟ ଫାଉଣ୍ଡେସନ୍ ଏବଂ ମାତା ଅମୃତାମୟୀ ଟ୍ରଷ୍ଟ କେରଳ ତରଫରୁ କଦଳୀ ଫାଇବରରୁ ପ୍ରସ୍ତୁତ ସାନିଟାରୀ ପ୍ୟାଡ୍ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ବୁଦ୍ଧଦେବ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମାତା ଅମୃତାମୟୀ ଟ୍ରଷ୍ଟ ଭୁବନେଶ୍ୱର ତରଫରୁ ଦେବପ୍ରସାଦ ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହ ମାସିକ ଋତୁସ୍ରାବ ସମୟରେ ସମସ୍ୟା ଓ ସ୍ୱଚ୍ଛତା ସହିତ କଦଳୀ ଫାଇବରରୁ ପ୍ରସ୍ତୁତ ସାନିଟାରୀ ପ୍ୟାଡ୍ କିପରି ଉପାଦେୟତା ତଥା ପରିବେଶ ଅନୁକୂଳ ସୃଷ୍ଟି ହେଇପାରିବ ତାହା ଉପରେ ମତ ରଖିଥିଲେ। ସେହିପରି ଅନ୍ୟତମ ଅତିଥିଭାବେ ଅମ୍ରିତା ହସ୍ପିଟାଲ୍ ଫରିଦାବାଦର ପ୍ରଫେସର ପ୍ରବୀଣ ବିଷ୍ଟ ଯୋଗଦାନ କରିବା ସହ କଦଳୀ ଫାଇବରରୁ ପ୍ରସ୍ତୁତ ସାନିଟାରୀ ପ୍ୟାଡ୍ କିପରି ପରିବେଶ ଅନୁକୂଳ ତଥା ସର୍ବଭାରତୀୟ ସ୍ତରରେ ଆଦୃତ ହୋଇପାରିଛି ଏବଂ ଏହାକୁ ଥରେ କିଣିକି ୩ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରିହେବ ତାହା ଉପରେ ବୁଝାଇଥିଲେ। ଗ୍ରାମାଞ୍ଚଳରେ ୩୦-୩୫ ଜଣଙ୍କୁ ନେଇ ସଚେତନତା ଅଭିଯାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ପ୍ରତି କାର୍ଯ୍ୟକ୍ରମ ପିଛା ଷ୍ଟାଇପେଣ୍ଡ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ତରଫରୁ ମମତାରାଣୀ ବିଶିମାଝୀ, ମହାଦେବ ଦାସ ଏବଂ ମନୋରଞ୍ଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ

ବଇଣ୍ଡା, ୧୭।୬(ସମିସ): ଠାକୁରଗଡ଼ ଥାନା ଠାକୁରଗଡ଼ ଅଞ୍ଚଳର ପପୁ କୁରେସିଙ୍କୁ ଦିନବନ୍ଧୁପୁର ଗ୍ରାମର ଗଣେଶ୍ୱର ବେହେରା ଏବଂ ଅଗସ୍ତି ବେହେରା ଏକ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଠାକୁରଗଡ଼ ଥାନାରେ ପପୁଙ୍କ ଭାଇ ଗୁଡୁ କୁରେସୀ ଅଭିଯୋଗ କରିଛନ୍ତି। ପୁଲିସ ଏନେଇ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ପପୁ ଦିନବନ୍ଧୁପୁର ଗ୍ରାମକୁ ସାମଗ୍ରୀ କିଣିବାକୁ ଯାଇଥିବାବେଳେ ଗଣେଶ୍ୱରଙ୍କ ସହ ଝଗଡ଼ା ହୋଇଥିଲା। ପରେ ଉତ୍‌କ୍ଷିପ୍ତ ହୋଇ ଗଣେଶ୍ୱର ଓ ଅଗସ୍ତି ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏଥିରେ ପପୁ ଗୁରୁତର ହୋଇ ପ୍ରଥମେ ଆଠମଲ୍ଲିକପରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ପପୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ସ୍ଥାନାନ୍ତର କରାଯାଇଛି।

## ଦୁଇ ବାଇକ୍ ଜବତ, ୨ ଗିରଫ

ବଇଣ୍ଡା, ୧୭।୬(ସମିସ): ହଣ୍ଡପା ପୁଲିସ ରବିବାର ବଇଣ୍ଡା ଅଞ୍ଚଳରୁ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଆନନ୍ଦମୁଣ୍ଡା ଗ୍ରାମର ଶରତ ମୁଣ୍ଡା, ଲୁହାମୁଣ୍ଡା ଅଞ୍ଚଳର ସୁରଥ କୁମାର ସାହୁ। ସେମାନଙ୍କଠାରୁ ୨ ଟି ବାଇକ୍ ଜବତ କରିଛି। ଏନେଇ ୨ଟି ମାମଲା ରୁଜୁ ହୋଇଛି। ଉଭୟ ୨ଜଣ ମଦ୍ୟପାନ କରି ବାଇକ ଚଳାଉଥିବାବେଳେ ପୁଲିସ ଗିରଫ କରିଥିଲା।

## ଡିଲେଶ୍ୱରଙ୍କୁ 'ଉତ୍କଳ ଜ୍ୟୋତି' ସମ୍ମାନ



କଣିହାଁ, ୧୭।୬(ସମିସ): କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତ ଗୁଇଲାଣ୍ଡ ଗ୍ରାମର ଡିଲେଶ୍ୱର ସାମଲଙ୍କୁ ରବିବାର ଉତ୍କଳ ଜ୍ୟୋତି ସମ୍ମାନ ମିଳିଛି। ଏହାକୁ ନେଇ କଣିହାଁ ବ୍ଲକ ରାଷ୍ଟ୍ରୀୟକ୍ଷତ୍ରୀୟ ମହାସଂଘ ଶାଖା ତରଫରୁ ସମ୍ପାଦକ ଅଙ୍ଗଦ ସାମଲ, ଉପସଭାପତି ପ୍ରଭାକର ମହାନ୍ତି, ବିଭିନ୍ନ ପଞ୍ଚାୟତ କାର୍ଯ୍ୟକର୍ତ୍ତା ଯଦୁମଣି ସାମଲ, ଗଦାଧର ସାମଲ, ପ୍ରଦୀପ ସାମଲ, ଜନକ ସାମଲ, ଦୋଳଗୋବିନ୍ଦ ସାମଲ ପ୍ରମୁଖଙ୍କ ସହିତ ଅନୁଗୋଳ ଜିଲ୍ଲା ମହାସଂଘ ସମ୍ପାଦକ ବିପିନି ବିହାରୀ ପଟ୍ଟନାୟକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଡିଲେଶ୍ୱର କଣିହାଁ ବ୍ଲକ ଅଞ୍ଚଳରେ ବୁଡି ଯାଉଥିବା ଲୋକକଳାର ପୁନର୍ଦ୍ଧାର କ୍ଷେତ୍ରରେ କାର୍ଯ୍ୟ କରିବା ସହିତ ପୌରାଣିକ ଗାଥା ବସ୍ତୁକୁ ନେଇ ପାଲା, ଦଣ୍ଡନୃତ୍ୟ ଇତ୍ୟାଦି କ୍ଷେତ୍ରରେ ଜଣେ ବିଚାରକ ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ଏହାକୁ ନେଇ ରାଜ୍ୟକଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ କଟକ ସ୍ଥିତ କଳା ବିକାସ କେନ୍ଦ୍ର ଠାରେ ରବିବାର ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା ଉତ୍ସବରେ ଉତ୍କଳ ଜ୍ୟୋତି ସମ୍ମାନରେ ସମ୍ମାନିତ ହୋଇଥିଲେ। ସଂଯୋଜକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଆଗାମୀ ଦୀନରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନ ବ୍ୟକ୍ତିଙ୍କୁ ଅନୁଷ୍ଠାନ ତରଫରୁ ବିଧିମତେ ସମ୍ମାନିତ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଘର ଭାଙ୍ଗିଲା ଦନ୍ତା; ଅଳ୍ପକେ ବର୍ତ୍ତିଲେ ପରିବାର

ଛେଣ୍ଡିପଦା, ୧୭।୬(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ରେଞ୍ଜ ପାଟକୁମୁଣ୍ଡା ପଞ୍ଚାୟତର ବାଘୁଆବୋଲ ଗ୍ରାମରେ ଗୋଟିଏ ଦନ୍ତା ହାତୀ ପଶି ଘରଭାଙ୍ଗି ଧାନ ଖାଇଥିବାବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ପରିବାର ଲୋକ। ବାଘୁଆବୋଲ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ହାତୀଟି ବାହାରି ବିଳମ୍ବିତ ରାତ୍ରି ଗ୍ରାମକୁ ପଶି ଆସିଥିଲା। ଦନ୍ତା ହାତୀଟି ଗ୍ରାମକୁ ପଶି ପ୍ରଣବନ୍ଧୁ ସେଠୀଙ୍କ ଘର ନିକଟକୁ ଆସି ଶୋଇବା ଘରର କାନ୍ଥକୁ ଭାଙ୍ଗି ଥିଲା। ଫଳରେ ଘର ଛପର ହୋଇଥିବା ଆଜବେଷ୍ଟ ଭାଙ୍ଗିପଲଙ୍କ ଉପରେ ପଡ଼ିଥିଲ। ଏହା ଦେଖି ପରିବାର ଲୋକ ଘରୁ ବାହାରକୁ ବାହାରି ଆସି ପଡ଼ିଶା ଲୋକଙ୍କୁ ଡାକିଥିଲେ। ହାତୀଟି ଘରର କାନ୍ଥକୁ ଭାଙ୍ଗି ଘର ଭିତରେ ଥିବା ଧାନ ଖାଇଯାଇଛି।



ଏହା ଦେଖି ଗ୍ରାମବାସୀ ପାଟି କରିବା ସହିତ ବନବିଭାଗକୁ ଖବର ଦେଇଥିଲେ। ଗ୍ରାମବାସୀ ଓ ବନ ବିଭାଗ ଘଉଡ଼ାଇବାକୁ ପ୍ରାୟ ୩ଘଣ୍ଟା ଉଦ୍ୟମ କରିବାପରେ ହାତୀଟି ଜଙ୍ଗଲ ଆଡକୁ ପଳାଇ ଯାଇଥିଲା। ପ୍ରାଣବନ୍ଧୁଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ପରିବାର ଲୋକ ଦାବି କରିଛନ୍ତି। ଏହା ପରେ ଭାଲୁଖାଇଡିପ ଅଞ୍ଚଳରେ କେତେକ ଚାଷୀଙ୍କର ଆମ୍ବ ବଗିଚା ଓ ପୋଟଳ ବଗିଚା ଆଦି ନଷ୍ଟ କରିଦେଇଛି। ତୁରନ୍ତ ଆକଳନ କରାଯାଇ ଚାଷୀଙ୍କୁ କ୍ଷତି ପୂରଣ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ



ଆଠମଲ୍ଲିକ ୧୭।୬(ସମିସ): ଆଠମଲ୍ଲିକ ବ୍ଲକ ଗୌତମପୁର ଗ୍ରାମରେ ଗୋପବନ୍ଧୁ ସେବା ସଂଗଠନ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂଗଠନର ଦେବରାଜ ନାୟକ, ସୀତାକାନ୍ତ ପ୍ରସାଦ ହୋତା, ସନ୍ତୋଷ ମେହେର, ଅଭିରାମ ମେହେର, ସଲିନ ମେଣ୍ଡୁଲି, ରଜତ ବାଘ, ବିକ୍ରମ କର୍ଣ୍ଣ, ଦୀନବନ୍ଧୁ ମେଣ୍ଡୁଲି, ପ୍ରକାଶ ଗିରି ପ୍ରମୁଖ ଯୋଗଦେଇ ଥିଲେ।

# ନିର୍ମାଣ ହେଉନି ଡ୍ରେନ୍, ରାସ୍ତାରେ ନର୍ଦ୍ଦମା ପାଣି

ବଇଣ୍ଡା, ୧୭।୬(ସମିସ): ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଟାପଢୋଲ ଗ୍ରାମର ପୂର୍ତ୍ତବିଭାଗ ରାସ୍ତା କଡ଼ରେ ଡ୍ରେନ ନିର୍ମାଣ ହେଉ ନାହିଁ। ଫଳରେ ସବୁଦିନେ ନାଳ ନର୍ଦ୍ଦମା ପାଣି ରାସ୍ତାରେ ଯାଉଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ଏନେଇ ଟାପଢୋଲ ଗ୍ରାମବାସୀ ସୋମବାର ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ଅଞ୍ଚଳବାସୀ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଟାପଢୋଲରୁ ବନ୍ତୁଲ ପର୍ଯ୍ୟନ୍ତ ଆସିଥିବା ପୂର୍ତ୍ତ ବିଭାଗ ରାସ୍ତାର ଟାପଢୋଲ ଗ୍ରାମରେ ଡ୍ରେନ ନିର୍ମାଣ କରାଯାଇ ନାହିଁ। ବିଶେଷ କରି ରାସ୍ତା କିଛି ବର୍ଷ ହେବ ନିର୍ମାଣ ହୋଇ ଥିବାବେଳେ ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ ଅଞ୍ଚଳବାସୀ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ ମଧ୍ୟ ନିର୍ମାଣ କରାଯାଇ ନାହିଁ। ଫଳରେ ବିଭିନ୍ନ ଦୋକାନ, ଘରୁ ବାହାରୁଥିବା ନର୍ଦ୍ଦମା ପାଣିଗୁଡ଼ିକ ରାସ୍ତାରେ ବୋହି ଯାଉଛି। ଫଳରେ ଏହି ବାଟଦେଇ ଯାଉଥିବା ବାଟୋଇମାନେ ଅସନ୍ତୋଷବ୍ୟକ୍ତ କରୁଛନ୍ତି। ଏଥିସହ ବର୍ଷାହେଲେ ଯାତାୟାତରେ ବ୍ୟାପକ ଅସୁବିଧା ହେଉଥିବା ଟାପଢୋଲ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ପୂର୍ତ୍ତବିଭାଗ ଦୃଷ୍ଟିଦେଇ ଡ୍ରେନ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।



# ଅବହେଳିତ ଅବସ୍ଥାରେ ମା' ରଙ୍କେଇ ମନ୍ଦିର

ହିନ୍ଦୋଳ, ୧୭।୬(ସମିସ)

ହିନ୍ଦୋଳ ଏକ ପୁରାତନ ଗଡ଼ଜାତ ଅଞ୍ଚଳ ହୋଇଥିବା ବେଳେ ଆବାହମାନ କାଳରୁ ହିନ୍ଦୋଳର ଅଧିଷ୍ଠାତ୍ରୀ ଦେବୀ ମା' ରଙ୍କେଇଙ୍କ ଖ୍ୟାତି ସବୁଆଡ଼େ ବ୍ୟାପ୍ତ। ଘନ ବଣଜଙ୍ଗଲ ଘେରା ସୁନ୍ଦର ପରିବେଶ ମଧ୍ୟରେ ଶୋଭା ପାଉଛି ମା'ଙ୍କ ପୀଠ। କୁହଯାଏ କୁଆଡ଼େ ଅଞ୍ଚଳବାସୀ ବିପଦରେ ଡାକିଲେ ମା' ପ୍ରତ୍ୟକ୍ଷ ଭାବେ 'ଓଁ' କରନ୍ତି। ମାତ୍ର ଏହି ପୁରାତନ ମନ୍ଦିରଟି ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବା ଯୋଗୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ମନରେ ଗଭୀର ଆଘାତ ସୃଷ୍ଟି ହୋଇଛି। ମୁଖ୍ୟରାସ୍ତା ଠାରୁ ପ୍ରାୟ ଦେଢ କିଲୋମିଟର ଦୂରରେ ଅବସ୍ଥିତ ଏହି ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାଟି ସମ୍ପୂର୍ଣ୍ଣ ଅଣଓସାରିଆ ଏବଂ ବିପଦସଙ୍କୁଳ ଅବସ୍ଥାରେ ଅଛି। ରାସ୍ତାର ପାର୍ଶ୍ୱରେ ପ୍ରାୟ ୩୦ ଫୁଟ ଗଭୀର ଖାଲ ଥିବାବେଳେ ଆଜିପର୍ଯ୍ୟନ୍ତ କୌଣସି





ପ୍ରକାରର ବ୍ୟାରିକେଡର ବ୍ୟବସ୍ଥା ମଧ୍ୟ ହୋଇପାରି ନାହିଁ। ସବୁଠାରୁ ବଡ଼କଥା ହେଲା ଐତିହାସିକ ଗୁରୁତ୍ୱ ବହନ କରୁଥିବା ଏହି ମନ୍ଦିରଟି ହିନ୍ଦୋଳ ଦେବୋତ୍ତର ବିଭାଗ ଅଧୀନରେ ଥିବାବେଳେ ଏହାପ୍ରତି ହେଉଥିବା ପ୍ରାଶାସନିକ ଉଦାସୀନତା ସମସ୍ତ ଅଞ୍ଚଳବାସୀଙ୍କୁ ନିରାଶ କରିଛି। ହିନ୍ଦୋଳ ଏନ୍‌ଏସି କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଏହି ମନ୍ଦିରର ଉନ୍ନତିକରଣ କାହାରି ଦୃଷ୍ଟିରେ ଆସୁନାହିଁ। ତେବେ ସରକାରୀ ଅନୁଦାନ ପାଇଲେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ମନ୍ଦିରଟି ହିନ୍ଦୋଳ ଅଞ୍ଚଳର ଏକ ପ୍ରସିଦ୍ଧ ଦର୍ଶନସ୍ଥଳ ହୋଇପାରନ୍ତା ବୋଲି ଜନସାଧାରଣ ନିଜର ମତ ରଖିଛନ୍ତି। ଉଭୟ ଦେବୋତ୍ତର ବିଭାଗ ଏବଂ ହିନ୍ଦୋଳ ଏନ୍‌ଏସି କର୍ତ୍ତୃପକ୍ଷ କେବେ ଏହାର ଉନ୍ନତୀକରଣ ଉପରେ ନଜର ଦେବେ ତାହା ଦେଖିବାକୁ ବାକି ରହିଲା।

## ବନଦୁର୍ଗା ପୀଠରେ ମହାଲକ୍ଷ୍ମୀ ବୁଡ଼



**ଢେଙ୍କାନାଳ, ୧୭।୬(ସମିସ):** ବଳଦିଆବନ୍ଧସ୍ଥିତ ମା' ମଳିକେଶ୍ୱରି ବନଦୁର୍ଗା ପୀଠରେ ମହାଲକ୍ଷ୍ମୀଙ୍କ ବୁଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାତଃରୁ ମା'ଙ୍କ ମଙ୍ଗଳଆଳତି, ମହାସ୍ନାନ, ନୂତନବସ୍ତ୍ର, ଫୁଲ ଲାଗିକରି ପୂଜା ଅର୍ଚ୍ଚନା କରାଯାଇଥିଲା। ଭୋଗରାଗ ହୋମଯଜ୍ଞ, ଖେଚୁଡ଼ି ଭୋଗଲାଗି କରାଯାଇଥିଲା। ମନ୍ଦିରର ପୂଜକ ସତ୍ୟନନ୍ଦ ରଣା କୁହନ୍ତି ଏହି ମହାସ୍ନାନ ବୁଡ଼ କାର୍ଯ୍ୟକ୍ରମ ଦୀର୍ଘ ୪୦ ବର୍ଷଧରି ହୋଇ ଆସୁଛି।

## ବସୁମତୀ ସ୍ନାନ ଉତ୍ସବ ପାଳିତ



**ଢେଙ୍କାନାଳ, ୧୭।୬(ସମିସ):** ସ୍ଥାନୀୟ ଗଣେଶ ବଜାରସ୍ଥିତ ଲକ୍ଷ୍ମୀ ମନ୍ଦିର ପ୍ରାଙ୍ଗଣରେ ମହାଲକ୍ଷ୍ମୀଙ୍କ ବସୁମତୀ ସ୍ନାନ ଉତ୍ସବ ପାଳିତ ହୋଇଛି। ରଜ ତିନିଦିନ ମା'ଙ୍କ ପୂଜନ ହୋଇ ନ ଥାଏ। ଆଜି ବସୁମତୀ ସ୍ନାନରେ ମହାଲକ୍ଷ୍ମୀଙ୍କୁ ପ୍ରାତଃରୁ ମଙ୍ଗଳଆଳତୀ ସହ ମହାସ୍ନାନକରି ନୂତନ ବସ୍ତ୍ର, ବିଭିନ୍ନ ଫୁଲ ହାରରେ ମା'ଙ୍କୁ ସୁସଜ୍ଜିତ କରାଯାଇଥିଲା।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା



ହିନ୍ଦୋଳ, ୧୭।୬(ସମିସ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ଦଣ୍ଡିର ପଞ୍ଚାୟତ ଅଧୀନ କାଠଖୁମ୍ପା ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟି ୨ ବଖରା ସହିତ ଘରେଥିବା ସବୁ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। କାଠଖୁମ୍ପା ଗ୍ରାମର ମୃତ କପିଳ ନାଏକଙ୍କ ଧର୍ମପତ୍ନୀ ତରା ନାଏକ (୬୦) ତାଙ୍କର ସାନପୁଅ ବାପି ନାଏକ ସହ ରହିଆସୁଥିଲେ। ସୋମବାର ଦ୍ୱିପ୍ରହାର ସମୟରେ କୌଣସି କାରଣରୁ ତାଙ୍କ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଅଗ୍ନିକାଣ୍ଡକୁ ଦେଖି ରାସୋଳ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ, ମାତ୍ର ଅଗ୍ନିଶମ ବିଭାଗ ଆସିବା ବେଳକୁ ସବୁ ପୋଡ଼ି ନଷ୍ଟ ହୋଇଯାଇଥିଲା। ତରା ନାଏକ ଓ ତାଙ୍କ ପୁଅ ଏବେ ଗଛ ମୂଳରେ ଆଶ୍ରୟ ନେଇଛନ୍ତି।

## ପଞ୍ଚାୟତରେ ହେଉନି ଆଧାର କାର୍ଡ କ୍ୟାମ୍ପ୍

**ଢେଙ୍କାନାଳ ସଦର, ୧୭।୬(ସମିସ):** ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଆଧାର କାର୍ଡ ନିମନ୍ତେ କ୍ୟାମ୍ପ ହେଉ ନ ଥିବା ଅଭିଯୋଗ ହୋଇଛି। ଏହିକାର୍ଡ ହାସଲ ନିମନ୍ତେ ସରକାର ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସ, ଟେଲିକମ୍ ଅଫିସ, ବିଭିନ୍ନ ଆଧାର କେନ୍ଦ୍ର ଖୋଲିଥିଲେ ସୁଧା ଗରିବ ଲୋକମାନେ ନୂତନ ଆଧାର କାର୍ଡ, ଆଧାର ସଂଶୋଧନ କରିପାରୁ ନାହାଁନ୍ତି। ଆଧାରକାର୍ଡ ସବୁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ଦରକାର ପଡୁ ଥିବାରୁ ଲୋକମାନେ ବ୍ଲକ ଯାଇ ଆଧାରକାର୍ଡ କରିବା ସହଜ ହେଉ ନାହିଁ। ଛୋଟ ପିଲାମାନେ ଏଥିରେ ବେଶି ପ୍ରଭାବିତ ହେଉଛନ୍ତି। ବିଭିନ୍ନ ପଞ୍ଚାୟତରେ ଆଧାରକେନ୍ଦ୍ର ଖୋଲି ନୂତନ ଆଧାର, ସଂଶୋଧନ ମୋବାଇଲ ନମ୍ବର ସଂଯୋଗ ପାଇଁ ସରକାରଙ୍କ ନିକଟରେ ସାଧାରଣ ଲୋକମାନେ ଦାବି କରାଯାଇଛି।

## ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା



**ଗଁଦିଆ, ୧୭।୬(ସମିସ):** ଓଡ଼ିଶା ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତରଫରୁ ସମ୍ବର୍ଦ୍ଧନା ସମାରୋହ ପରିଷଦର ସଭାପତି କଳା ଭୂଷଣ ପ୍ରଶାନ୍ତ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ସାଂସଦ ଭର୍ତ୍ତୃହରି ମହତାବ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦାନ ସାଂସଦ ରବିନାରାୟଣ ବେହେରା ଯୋଗଦେଇ କଳାସଂସ୍କୃତି ଉପରେ ଆଲୋଚନା କରିଥିଲେ। କଟକର ବାରବାଟି ନବ ନିର୍ବାଚିତ ବିଧାୟିକା ସୋଫିଆ ଫିର୍ଦ୍ଦୋଷ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ପ୍ରାକ୍ତନ ପୁଲିସ ମହାନିର୍ଦ୍ଦେଶକ ଡ. ସତ୍ୟଜିତ ମହାନ୍ତି, ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି ସିବିଆଇ ଭିକାରୀଚରଣ ରାଉତ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ। ଓଡ଼ିଶା ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ, ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ନାୟକ, ସଞ୍ଜୁ ବାଳା ମିଶ୍ରଙ୍କ ସହ ପ୍ରାୟ ୧୯ ଜଣ ଅତିଥି ଉପସ୍ଥିତ ଥିଲେ।

■ ଭୁବନରେ ରଜ ମଉଜ

## ଗାଁ ପ୍ରତିଭାକୁ ଆଗକୁ ନେବାରେ ସହାୟକ ବିଷ୍ଣୁପ୍ରିୟା ଜୁଏଲର୍ସ



**ଭୁବନ, ୧୭।୬(ସମିସ):** ଓଡ଼ିଶାର ଗଣପର୍ବ ରଜ ଅବସରରେ ଉତ୍ସବ ମୁଖର ହୋଇଉଠିଛି ଗାଁଠୁ ସହର। ବେଶ ଧୁମ୍‌ଧାମରେ ପାଳନ ହେଉଛି ସବୁଠି ରଜ ଉତ୍ସବ। ରଜପର୍ବକୁ ଆହୁରି ସରସ ସୁନ୍ଦର କରିବା ପାଇଁ ଭୁବନ ପ୍ରେସ୍‌କ୍ଲବ ଓ ବିଷ୍ଣୁପ୍ରିୟା ଜୁଏଲର୍ସ ମିଳିତ ସହଯୋଗରେ ଭୁବନରେ ଆୟୋଜିତ ହୋଇଛି ରଜ ମଉଜ ଉତ୍ସବ। ତିନିଦିନ ଧରି ଏହି ଉତ୍ସବ ଆୟୋଜିତ ହେଉଥିବା ବେଳେ ଚଳିତ ବର୍ଷ ମାର୍ଥାପୁର, ପିଙ୍ଗୁଆ ଏବଂ ଷଡ଼ଙ୍ଗୀରେ ବହୁ ଆଡ଼ମ୍ବରରେ ରଜମଉଜ ଉତ୍ସବ ପାଳନ ହୋଇଯାଇଛି। ଭୁବନରେ ଆୟୋଜିତ ଏହି ରଜମଉଜ ଉତ୍ସବରେ ଅଭିନେତ୍ରୀ ଦିବ୍ୟାଙ୍କ ସହିତ ଅଞ୍ଚଳର କୁନିକୁନି ଝିଅମାନେ ନୃତ୍ୟ, ଗୀତ ଓ ନାନା ପ୍ରକାରର ଖେଳରେ ମସ୍‌ଗୁଲ ହୋଇଯାଇଥିବା ବେଳେ ମା'ମାନେ ମଧ୍ୟ ବାଦ ପଡ଼ି ନ ଥିଲେ। ଗଣପର୍ବ ରଜକୁ ବର୍ତ୍ତମାନର ଯୁବସମାଜ ଭୁଲିଯାଉଥିବାବେଳେ ଭୁବନ ପ୍ରେସକ୍ଲବ ଓ ବିଷ୍ଣୁପ୍ରିୟା ଜୁଏଲର୍ସର ଏହି ପ୍ରୟାସ ସମସ୍ତଙ୍କୁ ପ୍ରେରଣା ଦେବାରେ ସହାୟକ ହୋଇପାରିଛି।

● ଗୋ-ଚାଲାଣର ଗଳାବାଟ ପୁରୁଣା କଟକ-ସମ୍ବଲପୁର ରାସ୍ତା

## ଦୁଇଟି ଭ୍ୟାନ୍‌ରୁ ୪୨ ଗୋରୁ ଉଦ୍ଧାର

**ଢେଙ୍କାନାଳ, ୧୭।୬(ସମିସ):** ସଦରଥାନାର ଭାପୁର ଫାଣ୍ଡି ନିକଟସ୍ଥିତ ଟେନୁଆ ଜଙ୍ଗଲ ନିକଟରେ ଚଢ଼ଉ କରି ପୁଲିସ ଦୁଇ ପିକ୍‌ଅପ୍ ଭ୍ୟାନ ସହିତ ୪୨ଟି ଗୋରୁ ଉଦ୍ଧାର କରିଛି। ଢେଙ୍କାନାଳ ଦେଇ ଯାଇଥିବା ପୁରୁଣା କଟକ-ସମ୍ବଲପୁର ରାସ୍ତା ଗୋ ଚାଲାଣର ଗଳା ରାସ୍ତା ହୋଇଛି। ବିଭିନ୍ନ ସମୟରେ ଗୋରୁ ମାଫିଆ ମାନେ ଅନୁଗୁଳ, ହିନ୍ଦୋଳ, ତାଳଚେର, ବଁଅରପାଳ ଅଞ୍ଚଳରୁ ଗୋରୁ ସଂଗ୍ରହ କରି ପୁରୁଣା କଟକ ସମ୍ବଲପୁର ରାସ୍ତାଦେଇ ସେଠାରୁ ସପ୍ତଶଯ୍ୟା



କିମ୍ବା ଭାପୁର-ଅଭିମାନପୁର ରାସ୍ତାଦେଇ କଟକ ଜିଲ୍ଲା ତିଗିରିଆ ଅଞ୍ଚଳକୁ ଚାଲାଣ କରିଥାନ୍ତି। ରବିବାର ଭୋର ସାଢେ ୪ଟା ସମୟରେ ଗୋ ଚାଲାଣ ହେଉଥିବାର ଭାପୁର ପୋଲିସ ଫାଣ୍ଡି ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସଦଳବଳେ ଜଗିରହିଥିଲେ। ଗୋରୁ ଗାଡି ଗୁଡିକ ରାସୋଳ ପାର୍ଶ୍ୱରୁ କଟକ ଜିଲ୍ଲା ତିଗିରିଆ କରଡାପଲ୍ଲୀ ଯାଉଥିବାର ପୋଲିସ ଖବରକୁ ଭିତିକରି ଟେନୁଆ ଜଙ୍ଗଲ ନିକଟରେ ୨ଟି ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇ ଥିଲେ। ପୁଲିସକୁ ଦେଖି ଗାଡ଼ିଚାଳକ ଜଙ୍ଗଲ ଭିତରେଫେରାର ହୋଇଯାଇଥିଲା। ପୁଲିସ ଗାଡ଼ି ଦୁଇଟିକୁ ଜବତ କରି ୪୨ଟି ଗୋରୁକୁ ଉଦ୍ଧାର କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ତୈଳିକ ବୈଶ୍ୟ ସମାଜର ବାର୍ଷିକ ଉତ୍ସବ



**ଢେଙ୍କାନାଳ, ୧୭।୬(ସମିସ):** ସ୍ଥାନୀୟ ଶିମିଳିଆ ଗ୍ରାମସ୍ଥିତ ଶିମିଳିଆ ତୈଳିକ ବୈଶ୍ୟ ସମାଜର ଏକ ସଭା ତୈଳିକ ସମାଜର ସଭାଗୃହରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ୨୨ ଗୁଆ ମୁରବି ଓ ୬୫ ଚୁଲିଭାଇଙ୍କ ଉପସ୍ଥିତିରେ ନିର୍ବାଚନ ହୋଇ ସର୍ବସମ୍ମତି କ୍ରମେ ସଭାପତି ଗୋପାଳ ଚନ୍ଦ୍ର ସାହୁ, ଉପସଭାପତି ଅଲେଖ ବିହାରୀ ସାହୁ, ସମ୍ପାଦକ ଅର୍ଜୁନ କୁମାର ସାହୁ ଓ କୋଷାଧ୍ୟକ୍ଷ ସଦାନନ୍ଦ ସାହୁଙ୍କୁ ଚୟନ କରାଯାଇ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ତତ୍ ସହିତ ତୈଳିକ ସମାଜର ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆଉ ଏକ ୧୧ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସେମାନେ ହେଲେ କୃଷ୍ଣଚନ୍ଦ୍ର ସାହୁ, ରାକେଶ ବେହେରା, ଅଜୟ କୁମାର ସାହୁ, ଗୋପାଳ ଚନ୍ଦ୍ର ସାହୁ, ବିକାଶ ବେହେରା, ମାଧବ ଚନ୍ଦ୍ର ବେହେରା, ମନୋଜ ବେହେରା, ନବକିଶୋର ବେହେରା, ନୀଳକଣ୍ଠ ସାହୁ, ସନ୍ତୋଷ ବେହେରା ଓ ଯୋଗୀନାଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଅର୍ଜୁନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାମା ମସ୍‌ଜିଦ୍‌ରେ ଇଦ୍ ଉଜ୍ ଜୁହା ପାଳିତ





ଢେଙ୍କାନାଳ, ୧୭।୬(ସମିସ)

ସ୍ଥାନୀୟ ମିନା ବଜାରସ୍ଥିତ ଜାମା ମସଜିଦ ଠାରେ ଇଦ୍ ଉଜ୍ ଜୁହା (ବକରାଇଦ୍) ର ସମୂହ ନମାଜ୍ ପାଠ କରାଯାଇଛି। ଜାମା ମସଜିଦ୍ ର ଇମାମ୍ ଜନାବ୍ ମୋଦାସିର ସାହେବ୍ ନମାଜ ପାଠ କରାଇଥିଲେ ଏବଂ ବକରାଇଦ୍ ପାଳନ ର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ନମାଜ ପାଠ ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି ହାତ ମିଳାଇ ଶୁଭେଚ୍ଛା ଜଣାଇଲେ। ଏହି ନମାଜ ପାଠରେ ମୌଜନ୍ ହାଫିଜ୍ ଜାକିର ସାହେବ୍, ମସଜିଦ କମିଟି ସଭାପତି ଜନାବ୍ ସମଦ୍, ସମ୍ପାଦକ ହସରତ୍ ହୁସେନ, ସହ ସମ୍ପାଦକ ନୁରୁଲ୍ ଇସଲାମ୍, କମିଟିର ଅନ୍ୟାନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ଆବଦୁଲ୍ ରହେମାନ୍, ମନୱର୍ ବକ୍ସ, ସଫିକ୍ ମହମ୍ମଦ, ରିୟାଜ ଅଲ୍ଲୀ ପ୍ରମୁଖ ଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ହାଜି ସରୱର୍ ଅଲ୍ଲୀ, ହାଜି ଅମଜାଦ୍ ଅଲ୍ଲୀ, ହାଜି ଆବିଦ୍ ଖାଁ, ହାଜି ଅହମ୍ମଦ ସାହେବ୍, ହାଫିଜ୍ ଅର୍ବରା, ହାଫିଜ୍ ଅହମ୍ମଦ୍, ଅସରଫ୍ ଖାଁ, ଜନାବ୍ ମୁନିର ବେଗ୍, ଶିକ୍ଷାବିତ୍ ସଫିର୍ ଅଲ୍ଲୀ, ଅନହାର୍ ଅଲ୍ଲୀ, ମିର୍ଜା ମୂଜିବ୍ ବେଗ୍, ଆରଜୁ ହୁସେନ୍, ନୁରୁଲ୍ ମୁସତକିମ୍, ନୁରୁଲ୍ ମୁରସଲିନ୍, ନୁରୁଲ୍ କଲାମ୍, ମିର୍ଜା ମୋଜାମ୍ମିଲ ବେଗ୍, ସଜାତ୍ ଅଲ୍ଲୀ, ରହେବର୍ ଅଲ୍ଲୀ, ସାହିର୍ ଅଲ୍ଲୀ, ଅବଦୁଲ୍ ବେଗ୍ ପ୍ରମୁଖ ନମାଜ୍ ପାଠରେ ଯୋଗ ଦେଇ ଥିଲେ। କ୍ୟାବିନେଟ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ତରଫରୁ ତାଙ୍କଭାଇ ସମାଜସେବୀ ରାମଚନ୍ଦ୍ର ପାତ୍ର ଓ ତାଙ୍କ ସହଯୋଗୀମାନେ ଜାମା ମସ୍‌ଜିଦ୍ ଠାରେ ଉପସ୍ଥିତ ହୋଇ ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ନୃତ୍ୟାଙ୍ଗନା ତରଫରୁ ରଜ ମହୋତ୍ସବ ପାଳିତ

**ଢେଙ୍କାନାଳ, ୧୭।୬(ସମିସ):** ସ୍ଥାନୀୟ ମହର୍ଷି ଦୟାନନ୍ଦ ସର୍ଭିସ୍ ମିଶନ ଶିଶୁଗୃହରେ ନୃତ୍ୟ ଅନୁଷ୍ଠାନ ନୀତା ନୃତ୍ୟାଙ୍ଗନା ତରଫରୁ ରଜ ମହୋତ୍ସବ ପାଳନ କରାଯାଇଛି। ଏହାକୁ ସମ୍ପାଦନା କରିଥିଲେ ଆଶିଷ କୁମାର ପାଲ୍ ପାଳନ କରିଥିଲେ। ଏ ଅବସରରେ ଅତିଥି ଭାବରେ ମହର୍ଷୀ ଦେଇ କହିଥିଲେ। ନିର୍ଦ୍ଦେଶକ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ପିଲାମାନଙ୍କର କାର୍ଯ୍ୟକ୍ରମରେ ମୁଗ୍ଧ ହୋଇ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବରେ ସମାଜସେବୀ ବନଜା ମାନ୍‌ସିଂ ଉପସ୍ଥିତ ଥିଲେ। ମହିଳା ସଂକୀର୍ତ୍ତନମଣ୍ଡଳୀର ହରିନାମ କୀର୍ତ୍ତନ ସମସ୍ତଙ୍କୁ ବିମୋହିତ କରିଥିଲା। ସମ୍ପାଦକ



ଦୟାନନ୍ଦ ସର୍ଭିସ୍ ମିଶନ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ ସାହୁ ଯୋଗଦାନ କରି ପିଲାମାନଙ୍କ ପ୍ରତି ଯଥେଷ୍ଟ ଯତ୍ନବାନ୍ ଥିବା ଏବଂ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଶ୍ରୀ ପାଲ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ ସୁଚିସ୍ମିତା ମାନା, ଗୁରୁ ସୁଦୀପ୍ତା ଶୁଭଦର୍ଶିନୀ, ସାଗରିକା ଶତପଥୀ, ଅଜିତ୍ ପାଲ୍, ବର୍ଷାରାଣୀ ରଣା, ସାଇ ଶୁଭମ୍ ଦାସ ସହଯୋଗ କରିଥିଲେ।

## ଆଜିଠୁ ଖୋଲିଲା ସ୍କୁଲ୍

# ସକାଳ ୬. ୩୦ରୁ ୧୦.୩୦ ସମୟ ପର୍ଯ୍ୟନ୍ତ ପାଠପଢ଼ା

**ଢେଙ୍କାନାଳ, ୧୭।୬ (ସମିସ)**

ଢେଙ୍କାନାଳ ଜିଲ୍ଲାରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏପରି ସମୟରେ ଘରୁ ସକାଳ ୯ରୁ ବାହାରକୁ ବାହାରିବା କଷ୍ଟକର ହେଉଥିବା ବେଳେ ମଙ୍ଗଳବାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଖୋଲୁଛି। ସରକାର ପରିସ୍ଥିତିକୁ ଦେଖି ବିଦ୍ୟାଳୟ ଖୋଲା ରହିବା ନିଷ୍ପତ୍ତି ଜିଲ୍ଲାପାଳଙ୍କ ଉପରେ ଛାଡିଥିବା ବେଳେ ସକାଳ ସାଢେ ୬ରୁ ସାଢେ ୧୦ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଚାଲିବ ବୋଲି ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି। ଢେଙ୍କାନାଳ ଜିଲ୍ଲାରେ ୮ଟି ବ୍ଲକରେ ୨୧୨ଟି ଗ୍ରାମପଞ୍ଚାୟତ ରହିଥିବାବେଳେ ୧୦୬୭ଟି ମୁଖ୍ୟ ଗ୍ରାମ ରହିଛି। ଜିଲ୍ଲାରେ ୧ ହଜାର ୬୨୬ଟି ବିଦ୍ୟାଳୟ ରହିଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ୮୮୭ଟି, ଉଚ୍ଚପ୍ରାଥମିକ ବିଦ୍ୟାଳୟ ୬୯୫ ଟି ଏବଂ ମାଧ୍ୟମିକ ବିଦ୍ୟାଳୟ ୨୭୬ଟି ରହିଛି। ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧ଲକ୍ଷ ୨୧ ହଜାର ୨୮୩ ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଥିବା ବେଳେ ନବମ ଏବଂ ଦଶମ ଶ୍ରେଣୀରେ ପ୍ରାୟ ୩୦ହଜାରରୁ ଅଧିକ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରୁଛନ୍ତି। ସରକାର ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ ମାସରୁ ଛୁଟି କରିଦେଇଥିଲେ। ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଜିଲ୍ଲାରେ ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବାକୁ ଜିଲ୍ଲାପାଳ ଅମୃତ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟରେ ଉପଯୁକ୍ତ ପାନୀୟ ଜଳ ବ୍ୟବସ୍ଥା ସହିତ ଓଆରଏସ ଗଛିତ ରଖିବା ସହିତ ଶ୍ରେଣୀ ଗୃହରେ ଫ୍ୟାନ ଥିବା ଦରକାର ବୋଲି କହିଛନ୍ତି। ଏହି ନିର୍ଦ୍ଦେଶ ୨୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବା ସହିତ ୨୧ ତାରିଖରୁ ପାଣିପାଗ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ପ୍ରକାଶ କରିଛନ୍ତି। ତେବେ ଶ୍ରେଣୀଗୃହ ମାନଙ୍କରେ ପ୍ରବଳ ଗରମ ଅନୁଭୂତ ହେବା ସହିତ ଗୁଳୁଗୁଳିରେ ପାଠ ପଢ଼ାଇବା କେତେଦୂର ଯଥାର୍ଥ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପ୍ରେମିକ ବାହାହେବାକୁ ମନା କରିବାରୁ ଯୁବତୀଙ୍କ ଆତ୍ମହତ୍ୟା



**ଢେଙ୍କାନାଳ, ୧୭।୬(ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଉପଖଣ୍ଡର ଭୁବନଥାନା ଅଞ୍ଚଳର ଜଣେ ଯୁବତୀ ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଭୁବନ ଥାନା ଅଧୀନ ନୂଆଟିପିଲେଇ ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ଯୁବତୀ ଜଣକ ଉଚ୍ଚ ଶିକ୍ଷିତା ହୋଇଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଇଂରାଜୀରେ ସ୍ନାତକ କରୁଥିଲେ। ଏହି ଘଟଣାକୁ ନେଇ ଭୁବନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ନୂଆଟିପିଲେଇ ଗ୍ରାମର ଦୀପା ପ୍ରଧାନ ଓ ଚିଣ୍ଟୁ ଦଳେଇଙ୍କ ମଧ୍ୟରେ ପ୍ରେମସମ୍ପର୍କ ଥିବାରୁ ପରିବାରର ମୁରବୀ ଓ ଗ୍ରାମବାସୀଙ୍କ ମଧ୍ୟସ୍ଥତାରେ ବୈଠକ ହୋଇ ବିବାହ ନିମନ୍ତେ ମାଘ ମାସକୁ ସ୍ଥିର କରିଥିଲେ। ମାଘ ମାସ ଯିବାରୁ ଝିଅ ବାପା ମଧ୍ୟସ୍ଥିଙ୍କୁ ପଚାରିଥିଲେ। ଟିପିଲେଇରେ ନୂଆଘର ନିର୍ମାଣ ଶେଷହେଲେ ବାହାଘର ହେବ ବୋଲି ମଧ୍ୟସ୍ଥି କହିଥିଲେ। ପହିଲି ରଜଦିନ ଚିଣ୍ଟୁ ଦୀପାର ଭିଣୋଇଙ୍କୁ ବିବାହ ନିଷ୍ପତ୍ତିରୁ ଓହରି ଯିବାକୁ ଫୋନରେ ଧମକ ଦେଇଥିଲେ। ଫଳରେ ଦୀପା ମାନସିକ ଭାରସାମ୍ୟ ହରାଇ ନିଜଘରେ ଓଢ଼ଣୀ ପଙ୍ଖାରେ ଲଗାଇ ଝୁଲିପଡ଼ିଥିଲେ। ଦୀପାର ବାପା ଝିଅ ଗର୍ଭବତୀ ଥିବା ଅନୁମାନ କରି ଥାନାରେ ଅଭିଯୋଗ କରିଛନ୍ତି। ଦୀପା ନିଜ ପାପୁଲିରେ ଚିଣ୍ଟୁ ସହ ଅନ୍ୟ ଜଣେ ଝିଅର ନାମ ସହ ଫୋନ ନମ୍ବର ମଧ୍ୟ ଲେଖିଛନ୍ତି। ସୋମବାର ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଭୁବନ ଥାନାଧିକାରୀ ମାମଲା ରୁଜୁ କରିବା ସହ ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣିଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି।

## ଓଡ଼ିଶା ଅପରେଟର ମହାସଂଘର ବୈଠକ



କାମାକ୍ଷାନଗର,୧୭।୬(ସମିସ): କଙ୍କଡ଼ାହାଡ଼ ବ୍ଲକ ଅଧୀନ କର୍ଣ୍ଣପାଳ ପଞ୍ଚାୟତ କଲ୍ୟାଣମଣ୍ଡପଠାରେ ଓଡ଼ିଶା ଅପରେଟର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଅପରେଟର ମହାସଂଘର ସଭାପତି ଗଣେଶ୍ୱର ନାୟକ ଓ ସମ୍ପାଦକ ତାପସ କୁମାର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ ଦଫା ସମ୍ବଳିତ ଦାବିଉପରେ ଆଧାରିତ ଅପରେଟରଙ୍କ ମାସିକ ବେତନ ୨୦ ହଜାର ଟଙ୍କା, ଆକସ୍ମିକ ଦୁର୍ଘଟଣା ସହାୟତା ରାଶି ପ୍ରଦାନ, ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସାହାଯ୍ୟ ପାଇଁ ମହାସଂଘ ପ୍ରତିଶ୍ରୁତିବଧ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଦାମ ବାରିକ, ଉମାକାନ୍ତ ବେହେରା, ସଞ୍ଜୟ ମହାନ୍ତ, ଲିଟୁ ମହାନ୍ତ, ଶ୍ରୀଧର ମହାନ୍ତଙ୍କ ସମେତ ଖୋର୍ଦ୍ଧା ଜିଲ୍ଲା ସଂଘର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

## ବର୍ଣ୍ଣାଳୀ ସାହିତ୍ୟ ସଂସଦ ତରଫରୁ ରଜ ମହୋତ୍ସବ ପାଳିତ



**ତାଳଚେର, ୧୭।୬(ସମିସ):** ତାଳଚେର ପୂର୍ତ୍ତଡାକ ବଙ୍ଗଳା ପରିସରରେ ବର୍ଣ୍ଣାଳୀ ସାହିତ୍ୟ ସଂସଦ ତରଫରୁ ରଜଉତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ତଥା ସାହିତ୍ୟିକ ଦୀପକ ପ୍ରଧାନ ବିଶିଷ୍ଟି ଅତିଥି ଭାବେ ଯୋଗ ଦେଇଥିଲେ। ତାଳଚେର କିଶୋର କ୍ଲବର ସାଧାରଣ ସମ୍ପାଦକ ଦୀପକ ଥମ୍ବ ଓ ତାଳଚେର ଓଁ ମହୋତ୍ସବର ସମ୍ପାଦକ ଆନନ୍ଦ ଚନ୍ଦ୍ର ଦାସ, ସମ୍ପାଦିକା ରତ୍ନପ୍ରଭାବାଇ ବିବରଣୀ ପାଠ କରିଥିଲେ। ଉପସଭାପତି ପ୍ରାଧ୍ୟାପିକା କଳ୍ପନା ବୋଇତି, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର ସଂଯୋଜନା କରିଥିଲେ। ଉପସଭାପତି ଅରୁଣ ଗଡ଼ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଜାନକୀ ଶତପଥୀ, କଳ୍ପନା ନାୟକ, ସସ୍ମିତା ମିଶ୍ର, ଶୁଭଶ୍ରୀ ଭଞ୍ଜ, ପ୍ରଣବ ଗଡ଼ନାୟକ, ଋଷବ୍ ବେହେରା, ଝରଣା ବାରିକ, ବୀଣାପାଣି ସାହୁ, ଯାଜ୍ଞସେନି ମହାପାତ୍ର, ତ୍ରିନାଥ ସାହୁ, ଉମେଶ ମିଶ୍ର, ଧିରା ଦାସ, ଗୁଣନିଧି ସାମଲ ପ୍ରମୁଖ ନିଜସ୍ୱ କବିତା ମାଧ୍ୟମରେ ଉପସ୍ଥିତ ଶ୍ରୋତାଙ୍କୁ ବିମୋହିତ କରିଥିଲେ। କରୁଣାକର ବାଇ, ଦିଗଲ ମିଶ୍ରଙ୍କ ସଂଯୋଜନାରେ ଅନ୍ତାକ୍ଷରୀ, ଯୁଗଳ ବନ୍ଦୀ ଏବଂ ଆଧୁନିକ ସଙ୍ଗୀତ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

## 'ଆର୍ଟ ଅଫ୍ ଗିଭିଂ ଡେ' ପାଳିତ




ଢେଙ୍କାନାଳ, ୧୭।୬(ସମିସ): ସ୍ଥାନୀୟ ଗୋପ ବନ୍ଧୁ ଟାଉନ ହଲ ଠାରେ କିଟ, କିସ ଓ କଳିଙ୍ଗ ଟିଭିର ମିଳିତ ଆନୁକୂଲ୍ୟରେ ଆର୍ଟ ଅଫ ଗିଭିଂ ଡେ ପାଳନ ହୋଇଯାଇଛି। ଏଥିରେ ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ତଥା କିଟ କିସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ୨୦୧୩ ମସିହାରୁ ଦୀର୍ଘ ୧୧ ବର୍ଷ ଧରି ଆର୍ଟ ଅଫ ଗିଭିଂ ଚିନ୍ତାଧାରାକୁ ବିଭିନ୍ନ ଜିଲ୍ଲା ସହିତ ବିଶ୍ୱର ୧୨୦ ଟି ଦେଶରେ ଜାତି ଧର୍ମବର୍ଣ୍ଣ ଲିଙ୍ଗ ନିର୍ବିଶେଷରେ ଲକ୍ଷଲକ୍ଷ ଅନୁଗାମୀ ଓ ଅଂଶୀଦାର ସୃଷ୍ଟି କରିବା ସହ ସମଗ୍ର ବିଶ୍ୱରେ ଅଭୂତପୂର୍ବ ପ୍ରସିଦ୍ଧି ଲାଭ କରିପାରିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନଗରପାଳ ଜୟନ୍ତୀ ପାତ୍ର, ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ତଥା କ୍ରୀଡ଼ାବିତ ରତନ ନାୟର, ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଡ. ପୁଷ୍ପଲାତ ରଥ, ଜିଲ୍ଲା ସାମ୍ବାଦିକ ସଙ୍ଘର ସମ୍ପାଦ଼ାକ ସତ୍ୟ ସ୍ୱରୂପ ଦାସ, ଶିକ୍ଷାବିତ ସମୀର କୁମାର ସାହୁ, ବିଜ୍ଞାନ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର, ସମାଜସେବୀ ସୁକାନ୍ତ ମିଶ୍ର, ସାହିତ୍ୟିକ ଅବନୀ କୁମାର ମିଶ୍ର ଅତିଥିଭାବେ ଯୋଗଦାନ କରି ପ୍ରତିଷ୍ଠାତାଙ୍କ ଏହି ମହତ କାର୍ଯ୍ୟକ୍ରମ ପାଇଁ ପ୍ରଶଂସା କରିବା ସହ ସୁନ୍ଦର ବାର୍ତ୍ତା ଟିଏ ବୋଲି ମତ ରଖିଛନ୍ତି। ଅନ୍ୟତମ ବକ୍ତା ଭାବେ ସାହିତିକ ବାହାଦୁର ପାଟଣାଣୀ, ବରିଷ୍ଠ ସାମ୍ବାଦିକ ଶିଶିର କୁମାର ଶତପଥୀ, ଢେଙ୍କାନାଳ ଥିଙ୍କରସ ଫୋରମ ସଭାପତି ସୋବେନ୍ଦୁ ଶତପଥୀ, ନାଟ୍ୟକାର ଦିନେଶ ଦାସ ଉପସ୍ଥିତ ଥିଲେ। ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ଅଧକ୍ଷତା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

## ଯୁବକଙ୍କ ଅକାଳ ବିୟୋଗ

**କାମାକ୍ଷାନଗର, ୧୭।୬(ସମିସ):** ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ବାଲିକୁମା ପଞ୍ଚାୟତର ଉର୍ବେଙ୍ଗୀ ଗ୍ରାମର କ୍ଷୀରୋଦ ସିଂହ ୪୨ ବ୍ରେନଷ୍ଟୋକରେ ପରଲୋକ ଘଟିଛି। କଟକ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି। କ୍ଷୀରୋଦ ବିବାହିତ ହୋଇଥିବା ବେଳେ ତାଙ୍କର ଦୁଇଟି ନାବାଳକ ପୁତ୍ର ଅଛନ୍ତି। କ୍ଷୀରୋଦଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଏହି ଖବର ପାଇ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ କ୍ଷୀରୋଦଙ୍କ ବାସଭବନରେ ପହଞ୍ଚି ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଶୋକ ବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଙ୍କଡ଼ାହାଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ ରାସ ବିହାରୀ ବେହେରା, ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକା ସାହୁଙ୍କ ସହିତ ବିଜେପିର ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ବଁଅରପାଳ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ପ୍ରସ୍ତୁତି ବୈଠକ

**ବଁଅରପାଳ, ୧୭।୬(ସମିସ):** ସ୍ଥାନୀୟ ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ମନ୍ଦିର ପରିଚାଳନା କମିଟି ସଭାପତି ତଥା ପୂର୍ବତନ ବିଧାୟକ ରଜନୀକାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଆସନ୍ତା ସ୍ନାନ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ଉପସଭାପତି ପିତାମ୍ବର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କମିଟିର ପୂର୍ବତନ ସଭାପତି ସତ୍ୟବାନ ବରାହ ଚତୁର୍ଦ୍ଧାମୂର୍ତ୍ତୀ ସ୍ନାନଉତ୍ସବ କିପରି ଆଡମ୍ବର ସହ ପାଳନକରାଯିବ ସେ ବିଷୟ ଉପସ୍ଥାପନା କରିବାସହ ସମସ୍ତଙ୍କର ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ଉପସ୍ଥିତ ଅନ୍ୟ କର୍ମକର୍ତ୍ତା, ପୂଜକ, ଦଇତାପତି ଓ ସଭ୍ୟମାନେ ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ବୈଠକରେ ବରିଷ୍ଠ ଉପଦେଷ୍ଟା ନରେଶ ଚନ୍ଦ୍ର ସାହୁ, ଛବିମୋହନ ସାହୁ, ନିର୍ମଳ ଗଡ଼ନାୟକ, ରବିନାରାୟଣ ବେହେରା, ରବୀନ୍ଦ୍ର ସାହୁ, ଶ୍ରୀମୁଖ ସାହୁ, ଶୁଭେନ୍ଦୁ ବେଉରା, ସୁଧୀର ବରାହ, ଉପେନ୍ଦ୍ର ସାମଲ, ସୁବାସ ପଟ୍ଟନାୟକ, ଭରତ ମାଝୀ, ନିମେଇଁ ସାମଲ, ବିପ୍ରଚରଣ ଜେନା, ଉପେନ୍ଦ୍ର ସାହୁ ପ୍ରମୁଖ ଦଇତାପତି ଓ ପୁରୋହିତଙ୍କ ସମେତ ସ୍ଥାନୀୟ ସରପଞ୍ଚ ମଣ୍ଟୁ ବରାହ, ଜିଲ୍ଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସହସମ୍ପାଦକ ପ୍ରଦୀପ୍ତ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିର୍ସାମୁଣ୍ଡା କ୍ଲବ୍ ପକ୍ଷରୁ ରଜ ମହୋତ୍ସବ



**କାମାକ୍ଷାନଗର, ୧୭।୬(ସମିସ):** ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିଲେ ମଧ୍ୟ ଏଠାରେ ବର୍ଷକୁ ୧୨ ମାସ ରେ ୧୩ ପର୍ବ ପାଳିତ ହୋଇଥାଏ। ଏହି ଅଞ୍ଚଳର ଅଧିବାସୀମାନେ ନିଆରା ଢଙ୍ଗରେ ପ୍ରତେକ ପର୍ବ ପର୍ବାଣୀ ପାଳନ କରିଥାନ୍ତି। କଙ୍କଡ଼ାହାଡ଼ ପଞ୍ଚାୟତର କନ୍ଧରା ଗ୍ରାମର କାଲବୁଦ୍ଧିଆ ୯ ନଂ ୱାର୍ଡଠାରେ ବର୍ସାମୁଣ୍ଡା କ୍ଲବ ତରଫରୁ ଅଷ୍ଟମବାର୍ଷିକ ରଜ ମହୋତ୍ସବ ପାଳିତ ହୋଇଛି। ଏହି ୩ଦିନ ଧରି ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ଯଥା ବିବାହିତ ମହିଳାମାନଙ୍କ ପାଇଁ ମହମବତି, ପାଣିବୋତଲ, ବେଲୁନ, ବଲ୍, ବାସ୍କେଟ ପୁଅ ପିଲାଙ୍କ ପାଇଁ ପେନ୍ ବୋତଲ, ଷ୍ଟ୍ରମ୍ପ ଆଉଟ୍, ଅନ୍ଧ ପେଣ୍ଡାଲକିକ, ଝିଅ ମାନଙ୍କ ପାଇଁ ବଲ୍ ମ୍ୟାଜିକ, ଛୁଞ୍ଚି ସୁତା, ପାଣି କପଡ଼ା ବୋତଲ, ଅନ୍ଧ ପୁତୁଳି, ଗାଁ ଚିହ୍ନିବା, ଚାମଚ ବାଲାନ୍ସ, ଚେୟାର ଫାଷ୍ଟ ସହ ବିଶେଷ ଆକର୍ଷଣ ତାସ ଖେଳ, ଜିକେ, ରଜ କୁଇନି, ଚିକେନ ଖେଳ, ହାଣ୍ଡିଆ ପିଆ ଓ ଶେଷରେ ଆଦିବାସୀ ନୃତ୍ୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଛି। ଏହି ରଜ ମହୋତ୍ସବରେ ମୁଖ୍ୟଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକା ସାହୁ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବାମ ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ ହେସା, କଙ୍କଡ଼ାହାଡ଼ର ପୂର୍ବତନ ସରପଞ୍ଚ ହୃଦାନନ୍ଦ ବେହେରା, ସମବାୟ ସମିତି ସଭାପତି ପ୍ରକାଶ ବିଶ୍ୱାଳ, ବିନୟ କୁମାର ସିଂହ, ୱାର୍ଡମେମ୍ବର କୁନା ଚାତର, ବର୍ସାମୁଣ୍ଡା କ୍ଲବ୍ ସଭାପତି ଦୁର୍ଗାଚରଣ ଗାଗରାଇ, ସମ୍ପାଦକ କୁନା ଗାଗରାଇ, ଗୁରୁଚରଣ ଗାଗରାଇ, ଲକ୍ଷ୍ମଣମୁଣ୍ଡା, ଝୁନୁ ଗାଗରାଇ, ରସିକ ଗାଗରାଇ, ଦୁଃଶାସନ ମହାନ୍ତ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପରିଚାଳନା କରିଥିଲେ କୁନାଚାତର।

## ବାଇକ୍ ସହିତ ଜଳିଗଲା ଘର



**କଣିହାଁ, ୧୭।୬(ସମିସ):** କଣିହା ବ୍ଲକ ରେଙ୍ଗାଳି ଥାନା ପରମପଶି ଗ୍ରାମରେ ସୋମବାର ସକାଳେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ଯୋଗୁଁ ଭାବଗ୍ରାହୀ ସାହୁଙ୍କ ଦୁଇ ବଖରା ଓ ବିଜୟ ପ୍ରଧାନ ଗୋଟିଏ ମୋଟର ସାଇକେଲ ଜଳି ଯାଇଥିଲା। ଖବରପାଇ କଣିହା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ କରିଥିଲା। ଅଗ୍ନି ସେବା ଅଧିକାରୀ ଭ୍ରମରବର ମହାନ୍ତି କହିଛନ୍ତି ବିଜୟ ପ୍ରଧାନଙ୍କ ପୁଅ କେଶବ ପାରିବାରିକ ଅସନ୍ତୋଷକୁ ନେଇ ନିଜ ବାଇକରେ ନିଆଁ ଲଗାଇ ଦେଇଥିଲେ। ବାଇକ ଅଗ୍ନିକାଣ୍ଡ ଯୋଗୁଁ ଘର ଜଳି ଯାଇଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ରେଳ ଧାରଣାରେ କଟି ଯୁବକଙ୍କ ମୃତ୍ୟୁ



କଣିହାଁ, ୧୭।୬(ସମିସ): କଣିହାଁ କୋଇଲା ଖଣିରୁ ଏନ୍‌ଟିପିସି ପ୍ରକଳ୍ପକୁ ଟ୍ରେନ ଯୋଗେ କୋଇଲା ପରିବହନ ହେଉଛି। ସୋମବାର ଅପରାହ୍ନରେ କମରେଇ ପଞ୍ଚାୟତ ଦଣ୍ଡସିଙ୍ଗା ଗ୍ରାମ ରେଲୱେ କ୍ରସିଂ ନିକଟରେ ଜଣେ ଯୁବକ ରେଳ ଲାଇନରେ କଟି ଜୀବନ ହାରିଛନ୍ତି। ଏହାକୁ ନେଇ ଚାପା ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ବୁଝାମଣା ପରେ କୋଇଲା ପରିବହନ କାର୍ଯ୍ୟ ସ୍ୱାଭାବିକ ହୋଇଛି। କଣିହା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏନ୍‌ଟିପିସି ପ୍ରକଳ୍ପର ବିଭିନ୍ନ ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ତରଫରୁ ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରାଯାଇଥିବାର ଜଣାଯାଇଛି।

## ମୃତ ବାର୍‌ହା ଉଦ୍ଧାର, ଜଣେ ଗିରଫ



**ଭୁବନ, ୧୭।୬(ସମିସ):** ଭୁବନ ସହର ଉପକଣ୍ଠସ୍ଥ ଭାରତି ପାହାଡ ନିକଟରୁ ବନବିଭାଗ ମୃତ ବାର୍‌ହା ଜବତ କରିବା ସହ ଜଣକୁ ଗିରଫ କରିଛି। ବାଉଁଶକଣ ଗ୍ରାମର ପ୍ରେମାନନ୍ଦ ପଧାନଙ୍କ ସହ ୨ଜଣ ସହଯୋଗୀ ଭରତି ପାହାଡ଼ ନିକଟରେ ଏକ ବାର୍‌ହାକୁ ମାରି ମାଂସ ବିକ୍ରି କରିବାକୁ ଆଣୁଥିବା ସମୟରେ ଭୁବନ ବନବିଭାଗ ରେଞ୍ଜର ରାକେଶ କୁମାର ଦଳେଇ, ଫରେଷ୍ଟର କଳ୍ପନା ବେହେରା, ହାତୀ ସ୍କ୍ୱାର୍ଡ କର୍ମଚାରୀମାନେ ଚଢ଼ଉ କରିଥିଲେ। ଏହି ଚଢ଼ଉରେ ଦୁଇ ଜଣ ବ୍ୟକ୍ତି ଦୌଡ଼ି ପଳାଇ ଯାଇଥିବା ବେଳେ ବାଇକ୍‌କୁ ବନବିଭାଗ ପକ୍ଷରୁ ଜବତ କରାଯାଇଛି। ଏ ନେଇ ପ୍ରେମାନନ୍ଦଙ୍କ ନାମରେ ମାମଲା ରୁଜୁ କରାଯାଇଛି।

# ଅନୁଗୋଳ ସଂସ୍କୃତ କଲେଜରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ

**ଅନୁଗୋଳ, ୧୭।୬(ସମିସ)**




ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଜି ୧୧ତମ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଛି। ଅନୁଗୋଳ କେଦାରଗୌରୀ ଦୃଷ୍ଟିହୀନ ଆଶ୍ରମ, କୋଶଳା, ପବିତ୍ରନଗର, ପାଲଲହଡା, ମହୀଧରପୁର, ଆଠମଲ୍ଲିକ, ତାଳଚେର, କଣିହାଁ ଆଦି ୨୦ ଟି ସ୍ଥାନରେ ଆର୍ଟ ଅଫ ଗିଭିଂ ଦିବସ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ପ୍ରଧାନ, ମୁଖ୍ୟବକ୍ତା ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ଭାବେ ଯୋଗ ଗୁରୁ ଅଭୟ ରାୟ, ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଗାମ୍ବର ନନ୍ଦ, ବିଜେପି ନେତା ଦିଲ୍ଲୀପ ପ୍ରଧାନ, ଆର୍ଟ ଅଫ ଗିଭିଂ ସହ ସଂଯୋଜକ ଅଜୟ ସାହୁ, ମାନସ ମିଶ୍ର, ଶିଶିର ସାହୁ, ରଞ୍ଜିତ ସାମଡ଼, ରାଜେନ୍ଦ୍ର ଶୁଣ୍ଢୀ, ଜଙ୍ଗଲ ପୂର୍ତ୍ତି, ସୁଧୀର ଉଗ୍ରସନ୍ଧି, ନରେଶ ସାହୁ, ପୀତବାସ ସାହୁ, ବିପିନ, ମିଟୁ ନାଏକ, ମନୋଜ ନାଏକ, ବିଜୟ ପ୍ରଧାନ, କଳ୍ପତରୁ ନାଏକ, ପ୍ରଦ୍ୟୁମ୍ନ ପ୍ରଧାନ ପ୍ରମୁଖ କିଟ, କିସ ର କର୍ମକର୍ତ୍ତା ସହଯୋଗ କରିଥିଲେ। ସମାଜସେବୀ ପର୍ଶୁରାମ ଦାସ, ସମାଜସେବୀ ପ୍ରଫୁଲ୍ଲ ମିଶ୍ର ମଧ୍ୟ ସହଯୋଗ କରିଥିଲେ। ମାନସ ମିଶ୍ର ସଭା ପରିଚାଳନା କରିଥିବା ବେଳେ ଆର୍ଟ ଅଫ ଗିଭିଂ ସଂଯୋଜକ ଅଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଚ୍ୟୁତ ସମନ୍ତଙ୍କ ଏହି ପ୍ରୟାସ ପାଇଁ ସମସ୍ତେ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। କିଟ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଆର୍ଟ ଅଫ୍ ଗଭିଂ ସାରା ବିଶ୍ୱରେ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି ବୋଲି ମତ ପ୍ରକାଶ ପାଇଥିଲା।

ମାନବିକତା ହିଁ ମାନବ ସମାଜକୁ ସୁରକ୍ଷିତ ରଖି ପାରିବ। ବସୁଧୈବ କୁଟୁମ୍ବକମ୍ ଭାବରେ ସାରା ବିଶ୍ୱଶାନ୍ତି ବାନ୍ଧି ରଖି ପାରିବ କେବଳ ମାନବିକତା। ଏଭଳି କିଛି ବାର୍ତ୍ତା ନେଇ ପାଳିତ ହେଉଛି ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ। ପ୍ରତିବର୍ଷ ବିଭିନ୍ନ ଥିମ୍‌କୁ ନେଇ ଆର୍ଟ ଅଫ୍ ଗିଭିଂ ବା ଦେବାର କଳା ଦିବସ ପାଳନ କରାଯାଇଥାଏ। ଯାହା ସମସ୍ତଙ୍କ ହୃଦୟକୁ ଛୁଇଁଛି। ଚଳିତ ବର୍ଷର ଥିମ୍ ରହିଛି 'ଲେଟସ୍ ଏଓଜି'। ଅର୍ଥାତ୍ ଆର୍ଟ ଅଫ୍ ଗିଭିଂ କଣ ତାକୁ ଜାଣିବା ଓ ଅନ୍ୟମାନଙ୍କୁ ଜଣାଇବା।

# ଜିଲ୍ଲାରେ ଆସନ୍ତା ୨୦ ଯାଏ ସକାଳୁଆ ସ୍କୁଲ

**୬.୩୦ରୁ ୧୦.୩୦ ଯାଏ ପଢ଼ିବେ ପିଲା**

**ଜଗତସିଂହପୁର,୧୭।୬(ସମିସ)**

ଗ୍ରୀଷ୍ମଛୁଟି ପରେ ଜିଲ୍ଲାର ସମସ୍ତ ସ୍କୁଲ ଗୁଡିକ ଖୋଲିବାକୁ ଯାଉଛି। ଜୁନ ୧୭ ସୋମବାର ଠାରୁ ଜିଲ୍ଲାରେ ସ୍କୁଲ ଖୋଲିଥିବା ବେଳେ ଜୁନ ୧୮ ତାରିଖଠାରୁ ଛାତ୍ରଛାତ୍ରୀମାନେ ସ୍କୁଲ ଆସିବେ ବୋଲି ସୂଚନା ମିଳିଛି। ତେବେ ପାଣିପାଗ ବିଭାଗ ସୂଚନା ତଥା ଜଗତସିଂହପୁର ଜିଲ୍ଲାର ସ୍ଥିତି ଅନୁଧାନ କରି ଜଗତସିଂହପୁର ଜିଲ୍ଲାପାଳଙ୍କ ପକ୍ଷରୁ ଆସନ୍ତା ଜୁନ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳ ୬.୩୦ରୁ ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ଖୋଲିବାକୁ ସମୟ ନିର୍ଘଣ୍ଟ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ, ଓଡିଶା ପକ୍ଷରୁ ସରକାରୀ, ଅନୁଦାନ ପ୍ରାପ୍ତ ତଥା ଘରୋଇ ସ୍କୁଲ ଗୁଡିକୁ ୧୦ ଟାରୁ ୪ଟା ମଧ୍ୟରେ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥି ନିମନ୍ତେ ସ୍କୁଲ ଖୋଲିବାକୁ ସମସ୍ତ ପ୍ରସ୍ତୁତି ପର୍ବ ଗତ ଜୁନ ୧୬ ତାରିଖରେ ଶେଷ ହୋଇଥିଲା। ୧୭ ତରିଖରେ ବିଦ୍ୟାଳୟ ଖୋଲିବା ସହିତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ତଥା ପାଚିକା ଓ ସହାୟିକା ସ୍କୁଲରେ ଉପସ୍ଥିତ ହୋଇଥିଲେ। ୧୮ ତାରିଖରେ ସ୍କୁଲକୁ ପିଲା ପଢିବାକୁ ଆସିବାକୁ ଥିବାରୁ ୧୭ ତାରିଖର ଅସହ୍ୟ ଗୁଳୁଗୁଳି ସହିତ ଦିନର ତାପମାତ୍ର ବୃଦ୍ଧି ଘଟିବାକୁ ନେଇ ଏହି ସମୟରେ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ବହୁ ଅଭିଭାବକ ଓ ବୁଦ୍ଧିଜୀବୀ ନାପସନ୍ଦ କରିଥିଲେ। ଏହାକୁ ବିଚାରକୁ ନେଇ ସରକାରଙ୍କ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ସଚେତନ କରାଯାଇଥିଲା। ପାଣିପାଗ ସୂଚନାକୁ ନେଇ ଜିଲ୍ଲାପାଳ ଛୁଟି ଘୋଷଣା କରିବେ କିମ୍ବା ସମୟ ପରିବର୍ତ୍ତନ କରିପାରିବେ ବୋଲି ସରକାରଙ୍କ ପକ୍ଷରୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶ ମିଳିବା ପରେ ଜଗତସିଂହପୁର ଜିଲ୍ଲାପାଳ ଅନୁପମ ସାହାଙ୍କ ପକ୍ଷରୁ ଆସନ୍ତା ଜୁନ ୨୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସକାଳ ୬.୩୦ରୁ ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ , ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ପରବର୍ତ୍ତୀ ନିର୍ଦ୍ଦେଶ ନମିଳିବା ଯାଏ ଜିଲ୍ଲାର ସମସ୍ତ ସ୍କୁଲ ଗୁଡିକ ସକାଳୁଆ ପାଠପଢା ହେବ ବୋଲି ପ୍ରକାଶ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଖରାତାତିକୁ ନେଇ ଗତ ଏପ୍ରିଲ ୨୫ରେ ସରକାରଙ୍କ ପକ୍ଷରୁ ଗ୍ରୀଷ୍ମଛୁଟି ଘୋଷଣା କରାଯାଇଥିଲା।

## ହତ୍ୟା ଧମକ ନେଇ ଥାନାରେ ଏତଲା

**ପାରାଦୀପ,୧୭।୬(ସମିସ):** ଲକଥାନା ଅଧିନ ଭୂତମୁଣ୍ଡାଇ ଗ୍ରାମର ସୁରେଶ ଖଟେଇ ତାଙ୍କୁ ହତ୍ୟା କରିବାକୁ ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଭୂତମୁଣ୍ଡାଇ ସରପଞ୍ଚ ରୋହିତ କୁମାର ଜେନା ଓ ନଗେନ୍ଦ୍ର ଚୌଧୁରୀଙ୍କ ସହିତ ୫/୬ ଜଣ ଅଚିହ୍ନା ଯୁବକ ହାତରେ ମାରଣାସ୍ତ୍ର ଧରି ଆସି ତାଙ୍କ ଗ୍ୟାରେଜ ଆଗରେ ଟେକା ପଥର ଫିଙ୍ଗା ଫିଙ୍ଗି କରିବା ସହିତ ଘର ଆଗରେ ଗାଳିଗୁଲଜ ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏହା ସହିତ ତାଙ୍କ ଗ୍ୟାରେଜ୍‌କୁ ଭାଙ୍ଗି ସମସ୍ତ ଜିନିଷ ଚୋରି କରି ନେବାକୁ ପ୍ରୟାସ ମଧ୍ୟ କରିଥିଲେ। ଏହି ଘଟଣା ସବୁ ତାଙ୍କର ଦୋକାନରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ଯାହାର ଫୁଟେଜ୍ ସେ ଥାନା ଅଧିକାରୀଙ୍କୁ ଦେଇଛନ୍ତି। ଅଭିଯୋଗ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ରଜରେ ଦେବୀ ଆଳତି ଓ ବରୁଣ ପୂଜା

**ବାଲିକୁଦା,୧୭।୬(ସମିସ):** ବାଲିକୁଦା ବ୍ଲକ ମାଛଗାଁ ଶ୍ରୀରାମ ଚରିତ ମାନସ ସେବା ସଂସ୍ଥାନ ପକ୍ଷରୁ ପବିତ୍ର ରଜ ସଂକ୍ରାନ୍ତି ଅବସରରେ ଦ୍ୱିତୀୟ ବାର୍ଷିକ ଦେବୀ ଆଳତି ଓ ବରୁଣ ପୂଜା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ମାଛଗାଁ ବଜାର ସ୍ଥିତ ବାସୁଦେବ ଗାଦୀଙ୍କ ପିଠରୁ ଭଜନ ସଂକୀର୍ତ୍ତନ ଶୋଭାଯାତ୍ରାରେ ଦେବୀ ନଦୀ ଘାଟ ପର୍ଯ୍ୟନ୍ତ ଶତାଧିକ ମହିଳା ଓ ପୁରୁଷ ସଦସ୍ୟ ପହଞ୍ଚି ଏହି କାର୍ଯ୍ୟକ୍ରମ କରିଥିଲେ। ପୂଜକ ଭାବେ ପଣ୍ଡିତ ନବ କିଶୋର ମିଶ୍ର ଦେବୀ ଆଳତି ଓ ବରୁଣ ଆବାହନ କରିଥିବାବେଳେ କର୍ତ୍ତା ଓ କର୍ତ୍ତ୍ରି ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ପୁଷ୍ପାଞ୍ଜଳି ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ।

ସୂଚନା ଅନୁଯାୟୀ ବିଗତ ଗୋଟିଏ ବର୍ଷ ପୂର୍ବରୁ ଏହି ଦେବୀ ନଦୀ ଘାଟରେ ଅଘଟଣ ଘଟି ବିଭିନ୍ନ ସମୟରେ ପ୍ରାୟ ୮ ଯୁବକ ଯୁବତୀ ବୁଡି ମରିଥିଲେ। ଫଳରେ ଅଞ୍ଚଳରେ ବିଭିନ୍ନ ସମୟରେ ଶୋକାକୁଳ ପରିବେଶ ସୃଷ୍ଟି ହେଉଥିଲା। ଏହାର ନିବାରଣ ପାଇଁ ଓ ଦେବୀ ମାତାଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ ପଣ୍ଡିତ ଓ ବିଦ୍ୱାନମାନଙ୍କ ପରାମର୍ଶ କ୍ରମେ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଫଳରେ ଚଳିତ ଏକ ବର୍ଷ ମଧ୍ୟରେ ଏହି ଘାଟରେ କୌଣସି ଅଘଟଣ ଘଟିନଥିବା ଆଶ୍ୱସ୍ତି ଦେଇଥିବା ଅନୁଷ୍ଠାନର ସଭାପତି ଶିକ୍ଷକ ଅରୁଣ ମହାନ୍ତି କହିଥିଲେ। ଦେବୀ ନଦୀ ପ୍ରକୃତି ମା'ର ସ୍ୱରୂପ ଓ ଏହା ଅଞ୍ଚଳର ଚାଷୀକୁଳର ଜୀବନ ଜୀବିକାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କାରଣରୁ ଏହି ପୂଜା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁବାସ ଚନ୍ଦ୍ର ଦାସ, ଉଲ୍ଲାସ ବିଶ୍ୱାଳ, ସିଲୁ ରାଉତ, ଅକ୍ଷୟ ମହାନ୍ତି, ସମିତି ସଭ୍ୟ ନିରଞ୍ଜନ ଦାସ, ସରପଞ୍ଚ ସଞ୍ଜୟ ସ୍ୱାଇଁ, ଜ୍ଞାନ ରଞ୍ଜନ ସ୍ୱାଇଁ, କୈଳାସ ପାଳ, ସପନୀ ବେହେରା, ଅଶୋକ ପରିଡା, ଛବି ଦାସ, ଫକୀର ମହାନ୍ତି, ତାପସ ମହାନ୍ତି, ରଞ୍ଜିତ ରାଉତ, ଶ୍ରୀଧର ତ୍ରିପାଠୀଙ୍କ ସମେତ ସମସ୍ତ ସଦସ୍ୟ ସହାୟତା ପ୍ରଦାନ କରିଥିଲେ।

## ସୁଶ୍ରୀ ଶୁଭଶ୍ରୀ ତରଫରୁ ରଜ କବିତା ଆସର



ତିର୍ତ୍ତୋଲ,୧୭।୬(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ରେଡିଓ ଆଉଟ ରିଚ ଓ ସୁଶ୍ରୀ ଶୁଭଶ୍ରୀ ସାହିତ୍ୟ ସଂସଦ ସାଗବାରିଆ ଆନୁକୁଲ୍ୟରେ ଅନୁଷ୍ଠିତ ରଜୋତ୍ସବ ଅବସରରେ ସଂସଦର ସମ୍ପାଦିକା ଶିକ୍ଷାବିତ ବସନ୍ତ ମଞ୍ଜରୀ ଦାସଙ୍କ ତତ୍ତ୍ୱାବଧାନରେ ରଜ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦର କାର୍ଯ୍ୟକାରୀ ସଭାପତି ପଣ୍ଡିତ ନାଗୁଚରଣ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟ ଅତିଥି ସାହିତ୍ୟିକ ଡ. ଦେବଦତ୍ତ ସାମନ୍ତରାୟ, ମୁଖ୍ୟବକ୍ତା ହାସ୍ୟ କୁମୁଦ ସମ୍ପଦ କୁମାର ରଥ, ବିଶିଷ୍ଟ ଅତିଥି ଆଇନଜୀବୀ ମଞ୍ଜୁଲତା ରାଉତ, ଅତିଥି ପ୍ରକାଶ ଚନ୍ଦ୍ର ସାହୁ, ରେଡିଓ ଆଉଟରିଚର କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ ପତି, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁ, ସଂସଦର ରାଜ୍ୟ ସଂଗଠକ ନଗେନ୍ଦ୍ରନାଥ ସ୍ୱାଇଁ, କବି ହେମନ୍ତ କୁମାର ନାୟକ, କୈଳାସ ଚନ୍ଦ୍ର ପ୍ରଧାନ, ଆଇଜନୀବୀ ପ୍ରଶାନ୍ତ ଦାସ, କବି ବୈଦ୍ୟନାଥ ସାହୁ ପ୍ରମୁଖ ଯୋଗଦେଇ ରଜ ପର୍ବ ପାଳନର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଗଡେଶ୍ୱର ଯୁବ ପରିଷଦର ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ ଅତିଥି ପରିଚୟ ଓ କବି ହୃଷୀକେଶ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବାଗୁଡି, ତାସ ଓ ଲୁଡୁ ଖେଳ ସହ କବି ଦିଗମ୍ବର ରାଉତ, କଳ୍ପନା ବିଶ୍ୱାଳ, ପଦ୍ମାବତୀ ମିଶ୍ରଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ ରଜ କବିତା ପାଠ କରିଥିଲେ। ମଞ୍ଜରୀ ନୃତ୍ୟ ଏକାଡେମୀ ତରଫରୁ ନୃତ୍ୟ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସୁଚିନ୍ତା ଅଧ୍ୟକ୍ଷ ଶିବପ୍ରସାଦ ସାହୁ, ମାନସ ରଞ୍ଜନ ସାହୁ, ସନ୍ତୋଷ ସାହୁ, ଦେବସ୍ମିତା ମହାପାତ୍ର, ବରଦା ପ୍ରସନ୍ନ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଞ୍ଚଳିକ ପୂଜ୍ୟ ପୂଜା ସଂସଦର ସମ୍ପାଦକ ଯଯାତି କେଶରୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



**ପାରାଦୀପ,୧୭।୬(ସମିସ):** କାର୍ତ୍ତିକେଶ୍ୱର ମତ୍ସ୍ୟ ବ୍ୟବସାୟୀ ସଂଘ, ବଲିପ୍ଲଟ, ଅଠରବାଙ୍କୀ ପାରାଦୀପ ପକ୍ଷରୁ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଓ ବରିଷ୍ଠ ସ୍ଥାୟୀ ପରାମର୍ଶଦାତା ରାଜସ୍ୱ ବୋର୍ଡ ଓଡିଶାର ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମତ୍ସ୍ୟ ବ୍ୟବସାୟୀ ସଂଘର ସଭାପତି କେଦାର ନାଥ ଜେନା, ବିଜେପି ନେତା ଗୌତମ ଚରଣ ନାୟକ, ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ, ଆଇନିଜୀବୀ ରଶ୍ମିରଞ୍ଜନ ସାମନ୍ତରାୟ ଓ ପାରାଦୀପ ନଗର ମହିଳା ମୋର୍ଚ୍ଚା ସଭାପତି ନନ୍ଦିନୀ ପରିଡାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମେ ସଙ୍ଗଠନର ସଦସ୍ୟମାନେ ମଞ୍ଚାସିନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମତ୍ସ୍ୟ ବ୍ୟବସାୟ ସଂଘର ଉପ ସଭାପତି ପ୍ରକାଶ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ପ୍ରେମାନନ୍ଦ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ଉପଦେଷ୍ଟା ତଥା ବିଶିଷ୍ଟ ମତ୍ସ୍ୟ ବ୍ୟବସାୟୀ ଜୟଦେବ ରାଉତ, ଅଭିମନ୍ୟୁ ବାରିକ, ବିଜୟ କୁମାର ନାୟକ, ପରେଶ ମଣ୍ଡଳ ଶେଷରେ ସଙ୍ଘ ତରଫରୁ ମାନ୍ୟବର ମନ୍ତ୍ରୀ, ଜଗତସିଂହପୁର ସାଂସଦ ଓ ମହାକାଳପଡା ବିଧାୟକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ମତ୍ସ୍ୟ ବ୍ୟବସାୟୀ ସଂଘର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ବିଜେଡି କର୍ମୀଙ୍କୁ ବିଧାୟକଙ୍କ ଶ୍ରଦ୍ଧାଞ୍ଜଳି



**ତିର୍ତ୍ତୋଲ,୧୭।୬(ସମିସ):** ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ ଆଜି ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଡ.ଭୋଇ ସଅଁରା ପଞ୍ଚାୟତ ଅଇନିପୁର ଗ୍ରାମର ସମାଜସେବୀ ତଥା ବିଜୁ ଜନତା ଦଳର ବରିଷ୍ଠ କର୍ମୀ ସ୍ୱର୍ଗତ ପ୍ରସନ୍ନ ମହାରଣାଙ୍କ ଚତୁର୍ଦ୍ଦଶାହ ଅବସରରେ ଆୟୋଜିତ ଅଷ୍ଟପ୍ରହରୀରେ ଯୋଗଦେଇ ସ୍ୱର୍ଗତ ମହାରାଣାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁତ୍ର ଗୌରାଙ୍ଗ ଓ ଭାଇ ଅନାମ ସମେତ ପରିବାରର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ନିହାର କୁମାର ମହାନ୍ତି, କାଳନ୍ଦୀ ଦାଶ, ପୂର୍ବତନ ସମିତିସଭ୍ୟ ଦିଲୀପ ମହାନ୍ତି, ସୁଜିତ ମଲ୍ଲିକ, ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ବିଧାୟକ ଡ. ଭୋଇ ତିର୍ତ୍ତୋଲ ପଞ୍ଚାୟତ ନେତକୁଣ୍ଡି ଗ୍ରାମର ନିତ୍ୟାନନ୍ଦ ଦାସଙ୍କ ଗୃହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗଡକୁଜଙ୍ଗ ହନୁମାନ ମନ୍ଦିର ମହାରାଜ ରାଜୀବ ଲୋଚନ ଦାସ, ତିର୍ତ୍ତୋଲ କୁମାର ଉତ୍ସବ ସମିତି ସଭାପତି ବିମଳ ମହାପାତ୍ରଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପରେ ଡ. ଭୋଇ ତରଜଙ୍ଗା ପଞ୍ଚାୟତରେ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଗୋଟିଏ ପରିବାରର ୬୦ସଦସ୍ୟ ମିଶି ରଜ ପାଳିଲେ



**ବିରିଡି,୧୭।୬(ସମିସ):** ଚଳିତ ରଜ ଉତ୍ସବରେ ନିଆରା ପରମ୍ପରା ଦେଖିବାକୁ ମିଳିଛି ବିରିଡି ବ୍ଲକ ୨୨ ମଉଜ ବାସନ୍ଦର ଗ୍ରାମ ପଞ୍ଚାୟତ ବମ୍ବିଲୋ ଗ୍ରାମରେ କେଶବ ମହାନ୍ତିଙ୍କ ପରିବାରରେ। ପରିବାରର ପ୍ରାୟ ୬୦ ଜଣ ସଦସ୍ୟ ଗତକାଲି ଶେଷ ରଜରେ ଗାଁକୁ ଆସି ଏକାଠି ହେବାସହ ନିଜ ଘରେ ରଜକୁ ଧୁମ୍‌ଧାମରେ ପାଳନ କରିଥିଲେ। ସୂଚନାଯୋଗ୍ୟ ଯେ, ବହୁ ସଦସ୍ୟଙ୍କ କର୍ମ ସଂସ୍ଥାନ ଥିବାରୁ ବିଭିନ୍ନ ସହରରେ ରହି ନିଜର କର୍ମ କରୁଛନ୍ତି। ପରିବାରର ବରିଷ୍ଠ ସଦସ୍ୟ କ୍ଷୀରୋଦ ମହାନ୍ତିଙ୍କ ନେତୃତ୍ୱରେ ରଜରେ ସମସ୍ତ ପୁଅ ବୋହୂ, ଝିଅ, ନାତି ନାତୁଣୀ ଆସି ଏକାଠି ହୋଇ ଗାଁରେ ରଜ ପାଳିଥିଲେ।

**ଗୌରୀ ମାଷ୍ଟ୍ରେଙ୍କ ସାହିତ୍ୟ ପିଣ୍ଡା ଉଦ୍‌ଘାଟିତ**

## ଯୁବ କବି ମନୋଜ ଆଚାର୍ଯ୍ୟଙ୍କ କବି ସମ୍ମାନ



**ଜଗତସିଂହପୁର, ୧୭।୬ (ସମିସ):** ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପ୍ରଚାର ଓ ଯୁବକବିଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସ୍ଥାନୀୟ ପୁରୁଣାଗଡ଼ସ୍ଥ ପ୍ରଫୁଲ୍ଲ ପାଠାଗାରରେ ଗୌରୀ ମାଷ୍ଟ୍ରେଙ୍କ ସାହିତ୍ୟ ପିଣ୍ଡା ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସାହିତ୍ୟ ସଭାରେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପାଠାଗାରର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ, ମୁଖ୍ୟବକ୍ତା ବଂଶୀଧର ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଘନଶ୍ୟାମ କାନୁନ୍‌ଗୋ, ଅବସରପ୍ରାପ୍ତ ଶିକ୍ଷକ ବିଜୟ ପତି ପ୍ରମୁଖ ଯୋଗଦେଇ ଗୌରୀ ମାଷ୍ଟ୍ରେଙ୍କ କାବ୍ୟକୃତୀ ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ମାସ ପାଇଁ ଯୁବ କବି ମନୋଜ ଆଚାର୍ଯ୍ୟଙ୍କ ସୃଜନଶୀଳତାକୁ ସ୍ୱୀକୃତି ଜଣାଇ ସାହିତ୍ୟ ପିଣ୍ଡା ପକ୍ଷରୁ ଅତିଥିମାନେ ଚଳିତ ମାସର କବି ଭାବେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେ ତାଙ୍କ ରଚିତ କବିତା ଶେଫାଳୀ ଓ ଅନ୍ୟାନ୍ୟ କବିତା ପାଠ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ରାୟ, ଶିକ୍ଷାବିତ୍ ସତ୍ୟବାଦୀ ଦାସ, ରମେଶ ସାହୁ, ବଂଶୀଧର ବେହେରା, କବି ଆଭାକାନ୍ତ ମହାନ୍ତି, ରବୀନ୍ଦ୍ରନାଥ ଛୋଟରାୟ ଓ ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

## ଶିକ୍ଷାବିତ୍ ନିତ୍ୟାନନ୍ଦ ପରିଡାଙ୍କ ସ୍ମୃତିଚାରଣ ସଭା



**କୁଜଙ୍ଗ,୧୭।୬(ସମିସ):** ଶିକ୍ଷକ କେବଳ ଶ୍ରେଣୀଗୃହରେ ଛାତ୍ରଙ୍କୁ ପଢାନ୍ତି ନାହିଁ, ବରଂ ନିଜର ତ୍ୟାଗ, ସାଧନା ଓ ଆଦର୍ଶ ଯୋଗୁଁ ସେମାନେ ସମାଜ ସମ୍ମୁଖରେ ପ୍ରେରଣା ହେବା ସହ ଛାତ୍ରଙ୍କ ମାନସିକ ଶକ୍ତି ଓ ବୌଦ୍ଧିକ ବିକାଶକୁ ନୂଆ ରୂପ ଦେଇ ଗଢନ୍ତି ସମୃଦ୍ଧ ସମାଜ ଓ ଦେଶ ବୋଲି ବିଶିଷ୍ଟ ଶିକ୍ଷକ ନିତ୍ୟାନନ୍ଦ ପରିଡାଙ୍କ ଏକାଦଶାହରେ କୁଜଙ୍ଗ ବ୍ଲକ ଗୋରଡଠାରେ ଆୟୋଜିତ ସ୍ମୃତଚାରଣ ସଭାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଗୋରଡ ସରପଞ୍ଚଙ୍କ ପ୍ରତିନିଧି ସମାଜସେବୀ ଚନ୍ଦ୍ରଭାନୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, କୁଜଙ୍ଗ ବ୍ଲକ ଓଷ୍ଟା ସମ୍ପାଦକ ବିନୋଦ ବିହାରୀ ମୁଦୁଲି ଯୋଗଦେଇ ସ୍ୱର୍ଗତ ନିତ୍ୟାନନ୍ଦ ପରିଡ଼ା କେବଳ ଗୋରଡ ବଣିତୋ ଅଞ୍ଚଳ ନୁହେଁ, ବରଂ ନିଜର ସାଧନା ଓ ସେବା ପାଇଁ ବ୍ଲକରେ ପରିଚତ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଶିକ୍ଷକ ବିଶ୍ୱନାଥ ବିଶ୍ୱାଳ, ଶ୍ୟାମସୁନ୍ଦର ସାହୁ, ପ୍ରସନ୍ନ କୁମାର ନାୟକ, ସର୍ବେଶ୍ୱର ସେଠୀ, ଅରୂପ କୁମାର ବିଶ୍ୱାଳ, ବିନୋଦ କୁମାର ରଥ, ରାଜେନ୍ଦ୍ର ବାରିକ, ଅଶୋକ ସାମଲ, କଟକ କିୟୋର ୱାଲ୍‌ର ପ୍ରମୁଖ କୈଳାସ ଚନ୍ଦ୍ର ଦଳାଇ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ପୁଅ ଡା. ଶ୍ରୀକାନ୍ତ କୁମାର ପରିଡା ଅତିଥିଙ୍କୁ ସ୍ୱାଗତ ଜଣାଇ ଥିବାବେଳେ ମଧ୍ୟମ ପୁତ୍ର ଶିକ୍ଷକ ପ୍ରଶାନ୍ତ କୁମାର ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଗୀତା ପାଠ ସହ ଦୁଇ ମିନିଟ୍ ନିରବ ପାର୍ଥନା କରାଯାଇଥିଲା।

## ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ

**ଜଗତସିଂହପୁର,୧୭।୬(ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଗୋପବନ୍ଧୁ ନଗର ଉଦ୍ୟାନରେ ଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୌରପରିଷଦ ନିର୍ବାହୀ ଅଧିକାରୀ ସୀମାରାଣୀ ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ରାଧାକାନ୍ତ ମିଶ୍ର, ହିତେଶ କୁମାର ମହାନ୍ତି, ପଞ୍ଚାନନ ପଲାଇ, ପୌର ପରିଷଦ କର୍ମଚାରୀ ବିଚିତ୍ରାନନ୍ଦ ପାଲ, ସୁଦର୍ଶନ ଭୋଇ ପ୍ରମୁଖ ଉପସ୍ଥିତ ରହି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



# ଆର୍ଟ ଅଫ୍ ଗିଭିଂ ଡେ' ପାଳିତ



**ବିରିଡି,୧୭।୬(ସମିସ):** ବିରିଡି ବ୍ଲକ ବାସନ୍ଦରା ପଞ୍ଚାୟତର ରାମନବମୀ ମନ୍ଦିର ପ୍ରାଙ୍ଗଣରେ ହିମାଂଶୁ ଜେନାଙ୍କ ସଂଯୋଜନାରେ ଏବଂ ଶିବପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଆନ୍ତର୍ଜାତୀୟ ଆର୍ଟ ଅଫ ଗିଭିଙ୍ଗ ଦିବସ ପାଳିତ ହୋଇଯାଇଛି। କିଟ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ପୂର୍ବତନ ଉପାଧ୍ୟକ୍ଷ ଶିବପ୍ରସାଦ ଜେନା, ସରପଞ୍ଚ ଲକ୍ଷ୍ମୀପ୍ରିୟା ଜେନା, ସମିତିସଭ୍ୟ ସ୍ନେହାଶିସ ଜେନା, ନାରିନେତ୍ରୀ ମହେଶ୍ୱତା ଜେନା, ବୈଜୟନ୍ତୀ ଜେନା, ରାଜେନ୍ଦ୍ର ଜେନା, ସରୋଜା ଜେନା, ସଦାନନ୍ଦ ଜେନା, ଲକ୍ଷ୍ମଣ ଜେନା, ଜ୍ଞାନରଞ୍ଜନ ଜେନା, ଅନାମ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସମସ୍ତେ ସେବାମନୋବୃତି ରଖିବାସହ ଦଳିତ ନିଷ୍ପେସିତ ବିଶେଷକରି ଯେଉଁମାନଙ୍କ ନିକଟରେ ବଞ୍ଚିବାର ରାହା ମିଳୁନି ଦିନେ ଖାଇଲେ ଦିନେ ଉପାସ ରହୁଛନ୍ତି ସେମାନଙ୍କୁ ନିଜର ସାମର୍ଥ୍ୟ ଅନୁଯାୟୀ ଦାନ କରିପାରିଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧନ ହୋଇପାରିବ ବୋଲି ମତାପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସନ୍ତୋଷ ଭୂୟାଁ, ଲକ୍ଷ୍ମୀଧର ଭୋଇ, ରଞ୍ଜିତ ବିଶ୍ୱାଳ, ବିଚିତ୍ରା ନନ୍ଦ ମହାନ୍ତି, କାଳନ୍ଦୀ ଭୋଇ, ହେମନ୍ତ ବିଶ୍ୱାଳ, ବିଶ୍ୱନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ହିମାଂଶୁ ଜେନା , ମନୋରଞ୍ଜନ ରାୟ, ବିପିନ ଭୋଇ, ସନାତନ ଭୋଇ, ଲଲାଟ ମହାନ୍ତି ପରିଚାଳନା କରିଥିଲେ।

**ଜଗତସିଂହପୁର,୧୭।୬(ସମିସ):** ଜଗତସିଂହପୁର ଜିଲ୍ଲା ସଦର ମହକୁମାସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଯୋଗଦେଇ କିଟ୍ କିସ କିମ୍‌ସ ଓ ଆର୍ଟ ଅଫ ଗିଭିଂର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ବିନାୟକ ପଟ୍ଟନାୟକ, ଆଇନଜୀବୀ ଦୋଳଗୋବିନ୍ଦ ଦାସ, ସାମ୍ବାଦିକ ବିଜୟ କୁମାର ସ୍ୱାଇଁ, କିଟ୍ କିସ୍‌ର କ୍ରୀଡା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରମୁଖ ଯୋଗଦେଇ ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଡ଼ଃ ଅଚ୍ୟୁତ ସାମନ୍ତଙ୍କ ମହତ ଚିନ୍ତାଧାରାକୁ ସ୍ୱାଗତ କରିଥିଲେ। ଶେଷରେ କଳିଙ୍ଗ ଟିଭିର ଜିଲ୍ଲା ପ୍ରତିନିଧି ଶୁଭଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କିଟ୍ କିସ୍‌ର ସଞ୍ଜୀବ କୁମାର ମହାନ୍ତି, ଅଞ୍ଜନ ମିତ୍ର, ଗୋବିନ୍ଦ ଚନ୍ଦ୍ର ସାହୁ ଓ ଅମିତାଭ ମିଶ୍ର ପରିଚାଳନା କରିଥିଲେ।



